ଧରିତ୍ରୀ
DHARITRI
October 28 - November 3, 2018 ₹ 2/-

# ଛୁଟିଦିନ



# ଅସମ୍ଭବ ହେଲା ସମ୍ଭବ

୩ ପ୍ରଚ୍ଛଦ ପ୍ରସଙ୍ଗ

ଅସମ୍ଭବ କାମକୁ ସମ୍ଭବ କରି ଦେଖାଇବାର କଳା ସମସ୍ତଙ୍କ ପାଖେ ନ ଥାଏ। ଯେଉଁମାନଙ୍କର ଇଚ୍ଛାଶକ୍ତି ଓ ମନୋବଳ ଦୃଢ, ସେମାନେ ହିଁ ଏହାକୁ କରିପାରନ୍ତି। ଅସମ୍ଭବ ମନେହେଉଥିବା କାମକୁ ବି ସେମାନେ ସମ୍ଭବ କରି ଦେଖାଇ ଏ ସମାଜ ପାଇଁ ପାଲଟିଯାଆନ୍ତି ଉଦାହରଣ...

ସିନେମା ୮/୯





ସହରଠୁ ଦୂର ୧୩

# ରାଶି ଅନୁଯାୟୀ ବୃତ୍ତି



**ଅବଶିଷ୍ଟାଂଶ......**

**ତୁଳା:** ତୁଳା ରାଶିର ବ୍ୟକ୍ତିମାନେ ବିଶ୍ୱସ୍ତ ହୋଇଥାନ୍ତି। ଏମାନେ ସର୍ବଦା ନ୍ୟାୟ ରାସ୍ତାରେ ଚାଲିବାକୁ ପସନ୍ଦ କରନ୍ତି। ତେଣୁ ଏହି ବ୍ୟକ୍ତିମାନେ ନ୍ୟାୟିକ ବୃତ୍ତି ଯଥା ଓକିଲ, ଜଜ୍ ତଥା ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ଦ୍ୱାରା ସଫଳତା ପାଇଥାନ୍ତି।

**ବିଛା:** ଏହି ରାଶିର ବ୍ୟକ୍ତିଙ୍କୁ ପ୍ରେରଣା ଦେବା ବା ପ୍ରବର୍ତ୍ତାଇବା କଳା ବେଶ୍ ଭଲଭାବେ ଜଣାଥାଏ। ତେଣୁ ଏହି ରାଶିର ବ୍ୟକ୍ତିମାନେ ମାର୍କେଟିଂ, ଆଡଭର୍ଟାଇଜିଂ କ୍ଷେତ୍ରରେ ବୃତ୍ତି ଆପଣାଇଲେ ସଫଳତା ପାଇଥାନ୍ତି।

**ଧନୁ:** ଏହି ରାଶିର ବ୍ୟକ୍ତିମାନେ ଦୁଃସାହସୀ, ମନୋରଞ୍ଜନଧର୍ମୀ ଏବଂ ଏମାନଙ୍କଠାରେ ନୂତନ କଥା ଜାଣିବାର ଅଦମ୍ୟ ଇଚ୍ଛା ଶକ୍ତି ଭରି ରହିଥାଏ। ତେଣୁ ଏହି ବ୍ୟକ୍ତିମାନେ ପାଇଲଟ, ଏୟାରହୋଷ୍ଟେସ୍, କଳାକାର, ଦାର୍ଶନିକ, ପରିବେଶବିତ୍ ଆଦି ବୃତ୍ତି ଆପଣେଇବା ଦ୍ୱାରା ସଫଳତା ପାଇଥାନ୍ତି।

**ମକର:** ଏହି ରାଶିର ବ୍ୟକ୍ତିମାନେ ଧୈର୍ଯ୍ୟଶୀଳ, ପ୍ରତିଜ୍ଞାବଦ୍ଧ ତଥା ଧୀର ଗୁଣସମ୍ପନ୍ନ ବ୍ୟକ୍ତି ହୋଇଥାନ୍ତି। ତେଣୁ ଏହି ବ୍ୟକ୍ତିମାନେ ବାଣିଜ୍ୟ କ୍ଷେତ୍ରରେ ସଫଳତା ପାଇଥାନ୍ତି।

**କୁମ୍ଭ:** ଏହି ରାଶିର ବ୍ୟକ୍ତିମାନେ ଉଚ୍ଚ ବୁଦ୍ଧିସମ୍ପନ୍ନ, ଆଗ୍ରହୀ ତଥା ଅଭିନବ ବିଚାର ଧାରାଯୁକ୍ତ ହୋଇଥାନ୍ତି। ଏହି ବ୍ୟକ୍ତିମାନେ ବୈଷୟିକ, ପ୍ରଯୁକ୍ତିବିଦ୍ୟା ବା ଗବେଷଣା କ୍ଷେତ୍ରରେ ସଫଳତା ଲାଭ କରିଥାନ୍ତି।

**ମୀନ:** ଏହି ରାଶିର ବ୍ୟକ୍ତିମାନେ କଳ୍ପନା ପ୍ରିୟ ଏବଂ ପର୍ଯ୍ୟବେକ୍ଷକ ଗୁଣସମ୍ପନ୍ନ ହୋଇଥାନ୍ତି। ଅନ୍ୟମାନଙ୍କୁ ନିରୀକ୍ଷଣ କରି ତାଙ୍କ ମାନସିକ ସ୍ଥିତିକୁ ବୁଝିବାର କଳା ବେଶ୍ ଭଲ ଭାବେ ଜଣାଥାଏ। ତେଣୁ ଏହି ରାଶିର ବ୍ୟକ୍ତିମାନେ ମନସ୍ତତ୍ତ୍ୱବିତ୍, କାଉନ୍‌ସେଲର ବା ଚିକିତ୍ସା ବୃତ୍ତି ଆପଣେଇଲେ ସଫଳତା ପାଇଥାନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୮-ନଭେମ୍ବର ୩, ୨୦୧୮

**ମେଷ**
ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ। ମାନସିକ ସ୍ଥିରତା କ୍ଷୁଣ୍ଣ ହେବ ନାହିଁ। ଆମୋଦ ପ୍ରମୋଦର ମଉକା ଜୁଟିବ। ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅର୍ଥ ପ୍ରାପ୍ତି ହେବ। ସମ୍ପର୍କ ପୁଣି ଯୋଡି ହୋଇଯିବ। ବନ୍ଧୁମିଳନରୁ ଆନନ୍ଦିତ ହେବେ।

**ବୃଷ**
କର୍ମକ୍ଷେତ୍ରରେ ଉନ୍ନତି। ବିଶ୍ୱାସରୁ ହଇରାଣ। ବନ୍ଧୁ ଆସି ପହଞ୍ଚିବେ। ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଘଟଣାର ଦିଗ ପରିବର୍ତ୍ତନ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି। ଯାତ୍ରା ସ୍ଥଗିତ ହେବ।

**ମିଥୁନ**
ଆର୍ଥିକ ଉନ୍ନତି। ପ୍ରତୀକ୍ଷିତ ଖବରଟି ପାଇବେ। ବନ୍ଧୁଙ୍କ ସାହାଯ୍ୟ। କଳାରେ ଉନ୍ନତି। ବିଚଳିତବୋଧ କରିବେ। ପାରିବାରିକ ଉଦାସୀନତା। ଅଶୌଚ ଖବର ପ୍ରାପ୍ତି। ନୂତନ ନିଯୁକ୍ତି।

**କର୍କଟ**
ଉଦ୍ୟମ ସଫଳ। ଭ୍ରମଣଜନିତ ଅସୁସ୍ଥତା। ସଫଳତାରେ ଆନନ୍ଦ। ଭୁଲ କାମ କରିପାରନ୍ତି। ବନ୍ଧୁଦ୍ୱାରକୁ ଗମନ। ସମସ୍ୟାର ସରଳ ସମାଧାନ, ଅଯାଚିତ ସହାୟତା ପାଇବେ। ଶୁଭ ଖବର ଶୁଣିବେ।

**ସିଂହ**
ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ। ବନ୍ଧୁଙ୍କ ସୁପରାମର୍ଶ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ। ଶୁଭଖବରରୁ ଖୁସି। ଖୁସିଗପର ମଉକା। ଧର୍ମକାର୍ଯ୍ୟ ପ୍ରତି ରୁଚି। ଲୋକ ସମ୍ପର୍କ ବଢ଼ିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କନ୍ୟା**
ଫଳପ୍ରଦ ଦୂରଯାତ୍ରା। ସଭାସମିତିରେ ଗୌରବ। ପ୍ରକାଶନରେ ସମସ୍ୟା। ବିବାଦ ଘେରରେ ରହିବେ। ଧାରକରଜ କରିପାରନ୍ତି। କାର୍ଯ୍ୟବ୍ୟସ୍ତତା ବୃଦ୍ଧି। ଏଜେନ୍ସିରୁ ଲାଭ। ସାମ୍ବାଦିକତାରୁ ପ୍ରଶଂସା।

**ତୁଳା**
ଉପସ୍ଥିତ ବୁଦ୍ଧିରୁ ପ୍ରଶଂସା। ମାନସିକ ସ୍ଥିରତା ରହିବ। ପରିବହନରେ ଟଣା ଓଟରା। ଆଶା ଅନୁରୂପ ଫଳ। ଧର୍ମକାର୍ଯ୍ୟ ପାଇଁ ପ୍ରେରଣା। ସମ୍ପର୍କୀୟଙ୍କ ଅପପ୍ରଚାର। ସମାଲୋଚିତ ହେବେ। କଳା, ସାହିତ୍ୟରୁ ସୁନାମ।

**ବିଛା**
ଭୋଗ ବିଳାସରୁ, ଅର୍ଥପ୍ରାଚୁର୍ଯ୍ୟରୁ ଆନନ୍ଦ। ସାମାଜିକ ସମ୍ମାନ ପାଇବେ। ବନ୍ଧୁଟି ସ୍ୱାର୍ଥବାଦୀ ହେବ। ଦ୍ରବ୍ୟ ନଷ୍ଟରୁ ଦୁଃଖ। ଯାତ୍ରାକାଳୀନ ଅସୁବିଧା। ଅବହେଳିତ କାର୍ଯ୍ୟରୁ ଅନୁତାପ। ସ୍ୱଜନ ଶତ୍ରୁତା। ବ୍ୟବସାୟ ଯୋଡିବେ।

**ଧନୁ**
ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇବେ। ପଡୋଶୀଙ୍କ କ୍ରୋଧ। ନିଜ ଲୋକଙ୍କ ବିଶ୍ୱାସଘାତକତା। ଋଣଗ୍ରସ୍ତ ହେବେ। ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ। ପାରିବାରିକ ସୌଖ୍ୟ। ନୂତନ କର୍ମ ସଂସ୍ଥାନ।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି। ନୀରବଦ୍ରଷ୍ଟା ସାଜିବେ। ପାରିବାରିକ ଭୁଲ୍ ବୁଝାମଣା। ସମସ୍ୟା ସମାଧାନ। ରାଜନୈତିକ ପୃଷ୍ଠପୋଷକତା। ସମର୍ଥନ ପାଇବେ। ନୂତନ ଯୋଜନା। ଆକସ୍ମିକ ସମସ୍ୟା।

**କୁମ୍ଭ**
ଆତ୍ମୀୟଙ୍କ ସାହାଯ୍ୟ। ସାମାଜିକ ସ୍ତରରେ ଉନ୍ନତି। ଅହେତୁକ ଚିନ୍ତା। ମନ ଆନ୍ଦୋଳିତ ରହିବ। ସହକର୍ମୀ ଓଲଟା କଥା କହିବେ। ମହିଳାଙ୍କ ଦ୍ୱାରା ଉପକୃତ। ନୂତନ କର୍ମାରମ୍ଭ। ଶିଳ୍ପ, ବାଣିଜ୍ୟରେ ଉନ୍ନତି। ପ୍ରଶାସନିକ ଉନ୍ନତି। କଳା, ସଙ୍ଗୀତରୁ ସମ୍ମାନ।

**ମୀନ**
ଶାନ୍ତି ବ୍ୟାହତ ହେବ। ସତକଥାରୁ ବିବାଦ। ଠକାମିରେ ପଡିପାରନ୍ତି। ଅଭିଯୋଗ ଆସିପାରେ। ପାରିବାରିକ ଅଶାନ୍ତି। ଆଶାନୁଯାୟୀ ଅର୍ଥପ୍ରାପ୍ତି। ଦୂରଯାତ୍ରାର ମସୁଧା। ବିଦେଶଯାତ୍ରାର ଆହ୍ୱାନ।

# ଫ୍ଲାଇଙ୍ଗ୍ ସ୍କୁଟର



କିଛି ନୂଆ କରିବାର ନିଶା ନେଇ ଚାଇନାର ଝାଓ ଡେଲି ପ୍ରସ୍ତୁତ କରିଛନ୍ତି ଏକ ଉଡ଼ନ୍ତା ସ୍କୁଟର। ତାଙ୍କ ମତରେ ଏହା ହେଉଛି ପୃଥିବୀର ପ୍ରଥମ। ଡେଲିଙ୍କର ପିଲାବେଳୁ ଏକ ଇଚ୍ଛା ଥିଲା ଗୋଟିଏ ଫ୍ଲାଇଙ୍ଗ୍ ଅବଜେକ୍ଟ ନିର୍ମାଣ କରିବା ପାଇଁ। ସେବେଠାରୁ ସେ ଏହା ଉପରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ତେବେ ବର୍ତ୍ତମାନ ୪୦ବର୍ଷ ବୟସରେ ତାଙ୍କୁ ଏହି ସଫଳତା ପ୍ରାପ୍ତ ହୋଇଛି। 'ଜିନ୍ ଡୋଉ ୟୁନ୍' ନାମକ ଏହି ଫ୍ଲାଇଙ୍ଗ୍ ସ୍କୁଟର ଦେଖିବା ପାଇଁ ଏକ ବଡ଼ ଡ୍ରୋନ ଭଳି। ଏଥିରେ ଜଣେ ବ୍ୟକ୍ତି ବସି ଉଡ଼ିବା ସହ ୨୨ ପାଉଣ୍ଡ ଓଜନ ବୋହିବାର କ୍ଷମତା ରହିଛି। ଏହି ସ୍କୁଟରର ଘଣ୍ଟା ପ୍ରତି ବେଗ ୭୨ କିଲୋମିଟର। ବ୍ୟାଟେରି ଦ୍ୱାରା ପରିଚାଳିତ ହେଉଥିବା ଏହି ସ୍କୁଟରଟି ଭୂପୃଷ୍ଠଠାରୁ ୩୦୦୦ ମିଟର ଉଚ୍ଚରେ ଉଡ଼ିପାରୁଛି।



# ପାଠକୀୟ

❖କମୁନି କନ୍ୟାଭ୍ରୂଣ ହତ୍ୟା। ଆଜି ବି ଅଳିଆ, ଆବର୍ଜନା, ପରିତ୍ୟକ୍ତ ସ୍ଥାନରୁ ଶୁଭୁଛି କଅଁଳ ଶିଶୁ କନ୍ୟାର କ୍ରନ୍ଦନ। ହେଲେ ସେହି ଝିଅ ବାରବାର ପ୍ରମାଣିତ କରିଆସିଛି, ସେ ନୁହେଁ କାହାଠାରୁ କମ୍। ଖାସ୍ ସେଥିପାଇଁ ତ ସମାଜ ସେମାନଙ୍କୁ ଝିଅ ନୁହେଁ ବରଂ ମୂଲ୍ୟବାନ ହୀରା ଭାବେ ପରିଗଣନା କରିବାକୁ ବାଧ ହେଉଛି। ସେମିତି କେତେଜଣ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିବା ଝିଅଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନକୁ ବେଶ୍ ଛୁଇଁ ପାରିଥିଲା। ଦେବୀଙ୍କ ଉପରେ ଆଧାରିତ ସ୍ୱତନ୍ତ୍ର କବିତା ପୃଷ୍ଠାଟି ବି ହୃଦୟସ୍ପର୍ଶୀ ହୋଇପାରିଥିଲା।

*–ମମତା ମହାନ୍ତି, ୱାଟର ୱାର୍କ୍ସ ରୋଡ୍, ପୁରୀ*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଝିଅ ନୁହେଁ ହୀରା' ପାଠଟି ସତରେ ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। 'ସୁଉଚ୍ଚ ଦୁର୍ଗାମୂର୍ତ୍ତି', 'ବଡ଼ ବନ୍ଧାକୋବି', 'ଅନ୍ଧଙ୍କ ଗାଁ' ଆଦି ପାଠ ବି ବେଶ୍ ଆଶ୍ଚର୍ଯ୍ୟ କରିଥିଲା ମୋତେ। ଯାତ୍ରା ସମ୍ପର୍କିତ ପାଠ ପଢିବାକୁ ମୋତେ ବହୁତ ଭଲ ଲାଗେ। ଛୁଟିଦିନରେ ମଧ୍ୟ ଏହା ପ୍ରକାଶ କରାଯାଉଥିବାରୁ ଆପଣଙ୍କୁ ଧନ୍ୟବାଦ।

*–ଶଶାଙ୍କ ଚୌଧୁରୀ, କାକଟପୁର, ପୁରୀ*

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରତୀକାତ୍ମକ ଲେଖକ 'ଗୁଆନ୍ ମୋୟେ ଓରଫ୍ ମୋ ୟାନ୍'ଙ୍କ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ଇଶାନଙ୍କ ପ୍ରଶଂସାରେ ଜାହ୍ନବୀ', 'ଶିଳ୍ପା–ସଲ୍‌ମାନ ପ୍ରେମ: କେତେ ସତ କେତେ ମିଛ' ଆଦି ପାଠଦୁଇଟି ମୋ ମନ କିଣିନେଲା। ଲେଖିକା ପଙ୍କଜବାସିନୀ ଭଞ୍ଜଦେଓଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବି ବହୁତ ଖାସ୍ ଥିଲା।

*–ପ୍ରଦୀପ ନାୟକ, ୟୁନିଟ୍–୯, ଭୁବନେଶ୍ୱର*

❖ଦୁର୍ଗାପୂଜାକୁ ଆଖି ଆଗରେ ରଖି ଏଥର ପ୍ରକାଶ ପାଇଥିବା ତିନୋଟି ଗପ 'ସ୍ୱର୍ଣ୍ଣ', 'ଅସ୍ତ୍ର' ଏବଂ 'ଦେବୀ' ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସାଥୀର ଉତ୍ତର ବି ମନଲାଖି ହୋଇଥିଲା। ମଡେଲ ଦୀପ୍‌ଦିଶା ବେଶ୍ ସୁନ୍ଦରୀ ଥିଲେ। ଗଞ୍ଜାମସ୍ଥିତ ମା' ସିଂହାସନୀଙ୍କ ପୀଠ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା।

*–ଶରତ ଚନ୍ଦ୍ର ମିଶ୍ର, ପୋଲସରା, ଗଞ୍ଜାମ*

❖ଏଥରର ଶାରଦୀୟ ପୂଜା କେମିତି କଟିବ, ସେ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ ଜଲିଉଡ୍‌ର କିଛି ନାୟିକା, ନାୟକ ତଥା ନିର୍ଦ୍ଦେଶକ। ସେମାନଙ୍କର ମତକୁ ମଞ୍ଚମାୟା ପୃଷ୍ଠାରେ ସ୍ଥାନିତ ପାଇଥିବାର ଦେଖିଲି, ଖୁବ୍ ଭଲ ଲାଗିଲା। କାର୍ଟୁନ କର୍ନର ଓ ହାଃ ହାଃ ବି ବହୁତ ବଢିଆ ହୋଇପାରୁଛି।

*–ବନବିହାରୀ ପ୍ରଧାନ, ଖପୁରିଆ, କଟକ*

## ବିଶେଷ ଚିଠି



ସପ୍ତାହକୁ ଥରେ ଆସେ ଛୁଟିଦିନ
ସାଙ୍ଗରେ ନେଇକି ଆସେ
ଗଳ୍ପ, କବିତା, ସାଥୀ,
ବ୍ୟାକ୍‌ପେଜ୍ ଖବର।
ସୁନ୍ଦର ପ୍ରଚ୍ଛଦ ପ୍ରସଙ୍ଗ ସହ
ଓଲିଉଡ୍, ବଲିଉଡ୍ ଖବର
ମନ କିଣିନିଏ ସେ ସଭିଙ୍କର।

*–ବିନୋଦ ବିହାରୀ ବେହେରା, ନୂଆସାହି, ନୂଆବଜାର, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795




# ଅସମ୍ଭବ ହେଲା ସମ୍ଭବ


**ଅସମ୍ଭବ କାମକୁ ସମ୍ଭବ କରି ଦେଖାଇବାର କଳା ସମସ୍ତଙ୍କ ପାଖେ ନ ଥାଏ। ଯେଉଁମାନଙ୍କର ଇଚ୍ଛାଶକ୍ତି ଓ ମନୋବଳ ଦୃଢ, ସେମାନେ ହିଁ ଏହାକୁ କରିପାରନ୍ତି। ଅସମ୍ଭବ ମନେହେଉଥିବା କାମକୁ ବି ସେମାନେ ସମ୍ଭବ କରି ଦେଖାଇ ଏ ସମାଜ ପାଇଁ ପାଲଟିଯାଆନ୍ତି ଉଦାହରଣ ...**


କଥାରେ ଅଛି, ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ଆଉ ଏହି ଇଚ୍ଛାଶକ୍ତି ପାଇଁ କେତେକଙ୍କ ଭିତରେ ଅସମ୍ଭବ କାମକୁ ସମ୍ଭବ କରି ଦେଖାଇବାର ଝୁଙ୍କ୍ ଏମିତି ବଢିଯାଏ ଯେ, ଦେଖଣାହାରି ବି ଆଶ୍ଚର୍ଯ୍ୟ ହୋଇଯାନ୍ତି। କିନ୍ତୁ ଶେଷରେ ସେମାନେ ହୁଅନ୍ତି ବିଜୟୀ, ଆଉ ଲୋକେ ତାଙ୍କୁ ସାବାସୀ ଦିଅନ୍ତି। ଏଠାରେ ସେମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁମାନେ ପରିସ୍ଥିତିରେ ପଡି ଅସମ୍ଭବ କାମକୁ ସମ୍ଭବ କରି ଦେଖାଇବାର ଦୃଢ ସଂକଳ୍ପ ନେଇ ଶେଷରେ ବିଜୟ ହାସଲ କରିଛନ୍ତି ଆଉ ଏ ସମାଜ ପାଇଁ ଜଣେ ଜଣେ ଉଦାହରଣ ପାଲଟିଯାଇଛନ୍ତି...

## ବିହାରର ମାଉଣ୍ଟେନ୍ ମ୍ୟାନ୍ ମାଞ୍ଝି

ବିହାରର ଗୟା ନିକଟସ୍ଥ ଗେହଲାଉର୍ ଗାଁର ଜଣେ ଗରିବ ମଜୁରିଆ ହେଲେ ଦଶରଥ ମାଞ୍ଝି। ତାଙ୍କ ଗାଁରେ ରାସ୍ତାଘାଟର ଭଲ ସୁବିଧା ନ ଥିଲା କି ନିକଟରେ ଡାକ୍ତରଖାନାଟିଏ ବି ନ ଥିଲା। ବରଂ ଏକ ବଡ଼ ପାହାଡ ତାଙ୍କ ଗାଁକୁ ଘେରିରହିଥିଲା ; ଯଦ୍ଵାରା ନିକଟସ୍ଥ ବଜାର କିମ୍ବା ଡାକ୍ତରଖାନାକୁ ଯିବା ପାଇଁ ଗାଁ ଲୋକଙ୍କୁ ଅନେକ ବାଟ ଚାଲି ଚାଲି କିମ୍ବା ପାହାଡ ଚଢି ଯିବାକୁ ପଡୁଥିଲା। ଅଧିକାଂଶ ସମୟରେ ରୋଗୀ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ନ ପାରି ମୃତ୍ୟୁର ସମ୍ମୁଖୀନ ହେଉଥିଲେ। ଦିନେ ମାଞ୍ଝିଙ୍କ ସ୍ତ୍ରୀ କୌଣସି କାମରେ ପାହାଡ ଚଢି ଯାଉଥିବାବେଳେ ତାଙ୍କ ଗୋଡ଼ ଖସିଗଲା। ସେ ଗୁରୁତର ଆହତ ହେଲେ। କିନ୍ତୁ ଡାକ୍ତରଖାନା ଦୂର ଥିବାରୁ ଠିକ୍ ସମୟରେ ପହଞ୍ଚି ନ ପାରି ମୃତ୍ୟୁବରଣ କଲେ। ଯେଉଁ ପାହାଡ ତାଙ୍କ ସ୍ତ୍ରୀଙ୍କୁ ମୃତ୍ୟୁଦ୍ଵାରକୁ ଠେଲି ଦେଇଥିଲା, ସେହି ପାହାଡକୁ କାଟି ତା' ମଧ୍ୟରେ ରାସ୍ତା ତିଆରି କରିବାକୁ ଶେଷରେ ମାଞ୍ଝି ଦୃଢ ସଂକଳ୍ପ ନେଲେ। କେବଳ ଗୋଟିଏ ହାତୁଡ଼ି ଏବଂ ନିହାଣ ଧରି ସେ ପାହାଡ କାଟିବା ଆରମ୍ଭ କଲେ। ମାଞ୍ଝିଙ୍କର ଏହି କାମକୁ ପ୍ରଥମେ ପ୍ରଥମେ ଗାଁ ଲୋକେ ଉପହାସ କରୁଥିଲେ, କିନ୍ତୁ ପରେ ଏହା ପଛରେ ଥିବା ମହତ୍ ଉଦ୍ଦେଶ୍ୟକୁ ବୁଝି ଗ୍ରାମବାସୀ ତାଙ୍କୁ ଖାଦ୍ୟ ଯୋଗାଇବା ସହ ହତିଆର କିଣିବାରେ ସାହାଯ୍ୟ ବି କଲେ। ପ୍ରାୟ ୨୨ ବର୍ଷର କଠିନ ପରିଶ୍ରମ ପରେ ମାଞ୍ଝି ପାହାଡ କାଟି ପାଖାପାଖି ୩୬୦ ଫୁଟ ଲମ୍ବା, ୨୫ ଫୁଟ ଗଭୀର ଏବଂ ୩୦ ଫୁଟ ଚଉଡ଼ା ବିଶିଷ୍ଟ ରାସ୍ତା ତିଆରି କରିବାରେ ସଫଳ ହେଲେ। ଯଦ୍ଵାରା ଗେହଲାଉର୍ ଗ୍ରାମବାସୀଙ୍କ ଜୀବନଶୈଳୀରେ ବେଶ୍ ସୁଧାର ଆସିଲା। ସେମାନଙ୍କୁ ଆଉ ବେଶି ବାଟ ବୁଲିବୁଲି କିମ୍ବା ପାହାଡ ଚଢି ଯିବାକୁ ପଡିଲା ନାହିଁ। ଏହି କୃତିତ୍ଵ ପାଇଁ କ୍ରମେ ଲୋକେ


ଜଳନ୍ଧର ନାୟକ


ଭଗବାନ ସିଂ


ଦଶରଥ ମାଞ୍ଝି

ମାଞ୍ଝିଙ୍କୁ 'ମାଉଣ୍ଟେନ୍ ମ୍ୟାନ୍' କହିବାକୁ ଲାଗିଲେ। ଏପରି କି ବିହାର ସରକାର ମଧ୍ୟ ମାଞ୍ଝିଙ୍କର ଉଲ୍ଲେଖନୀୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କଲେ। ପରେ ପରେ ମାଞ୍ଝିଙ୍କ ଜୀବନୀକୁ ନେଇ ଡକ୍ୟୁମେଣ୍ଟାରୀ ତଥା ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରାଗଲା। ତେବେ ସେ ଯାହା ହେଉ ୨୦୦୭ରେ ମାଞ୍ଝି ପିତ୍ତକୋଷ କର୍କଟ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିସାରିଥିଲେ ହେଁ ତାଙ୍କର କୃତିତ୍ଵ ପାଇଁ ଆଜି ବି ଗେହଲାଉର୍‌ବାସୀଙ୍କ ମନରେ ସେ ଜୀବିତ ଅଛନ୍ତି।

## ଗାତ ଖୋଳିବାକୁ ଯାଇ ଅଣ୍ଡରଗ୍ରାଉଣ୍ଡ ମନ୍ଦିର ଗଢ଼ିଲେ

ଏହା ହେଉଛି ୧୯୮୫ ମସିହାର କଥା। ଆର୍ମେନିଆସ୍ଥିତ ଅରିଞ୍ଜ ନାମକ ଗାଁରେ ସପରିବାର ରହୁଥିଲେ ଲେଭୋନ୍ ଅରାକେଲ୍ୟାନ। ସେତେବେଳେ ତାଙ୍କୁ ବୟସ ପାଖାପାଖି ୪୪ ବର୍ଷ ହେବ। ଦିନେ ତାଙ୍କ ସ୍ତ୍ରୀ ତାଙ୍କୁ କହିଲେ- ଘର ଅଗଣାରେ ଗୋଟିଏ ଗାତ ଖୋଳିବାକୁ, ଯେଉଁଥିରେ ସେମାନେ ଆଳୁକୁ ବହୁଦିନ ପର୍ଯ୍ୟନ୍ତ ସାଇତିକି ରଖିପାରିବେ। ସ୍ତ୍ରୀଙ୍କ କଥା ଅନୁସାରେ ଲେଭୋନ୍ ଗାତ ଖୋଳିବା କାମ ସାରିଦେଲେ ସତ କିନ୍ତୁ ତା'ପରେ ତାଙ୍କ ଭିତରେ ଏକ ବିଚିତ୍ର ପରିବର୍ତ୍ତନ ଦେଖାଗଲା। ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ସେ ଉକ୍ତ ଗାତ ଭିତରେ ପଶି ଗାତକୁ ଖୋଳି ଖୋଳି ଆହୁରି ବଡ଼ କରିବାକୁ ଲାଗିଲେ। ପ୍ରଥମେ ପ୍ରଥମେ ତାଙ୍କ ସ୍ତ୍ରୀ ବୁଝିପାରୁ ନ ଥିଲେ ଯେ, ସେ କ'ଣ କରିବାକୁ ଯାଉଛନ୍ତି। କିନ୍ତୁ ପ୍ରାୟ ୨୩ ବର୍ଷ ପରେ ଏହା ପଛରେ ଲେଭୋନ୍‌ଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା, ତାହା ଲୋକଲୋଚନକୁ ଆସିଥିଲା। କାରଣ ସେତେବେଳକୁ ଲେଭୋନ୍ ଘର ତଳେ ଏକ ଆକର୍ଷଣୀୟ ଅଣ୍ଡରଗ୍ରାଉଣ୍ଡ ମନ୍ଦିର ନିର୍ମାଣ କରିବାରେ ସକ୍ଷମ ହୋଇସାରିଥିଲେ। ଉକ୍ତ ମନ୍ଦିରଟିକୁ ସେ କେବଳ ହାତୁଡି ଓ ନିହାଣ ସାହାଯ୍ୟରେ ଖୋଳି ଖୋଳି ହିଁ ତିଆରି କରିଥିଲେ। ଘର ତଳେ ପ୍ରାୟ ୨୮୦ ବର୍ଗମିଟର ପରିସୀମା ଭିତରେ ନିର୍ମିତ ହୋଇଥିବା ଏହି ମନ୍ଦିରଟିର ଗଭୀରତା ଥିଲା ପାଖାପାଖି ୨୦ ମିଟର। ମନ୍ଦିର ଭିତରେ ସାତୋଟି ଛୋଟ ଛୋଟ ଘର ସଦୃଶ ସ୍ଥାନ ବି ବାହାର କରିଥିଲେ ଲେଭୋନ୍, ଯେଉଁଥିରେ ପଥର ନିର୍ମିତ କିଛି ନା କିଛି ମୂର୍ତ୍ତିକୁ ସେ ସଜାଇ ଥିଲେ। ଲୋକମାନଙ୍କ ଯିବା ଆସିବା ପାଇଁ ମନ୍ଦିର ଭିତରକୁ ଅଣ୍ଡରଗ୍ରାଉଣ୍ଡ ରାସ୍ତା ବି ଗଢିଥିଲେ ଲେଭୋନ୍। ୨୩ ବର୍ଷ ପରେ ଏ ଘଟଣା ଲୋକଲୋଚନକୁ ଆସିଲା ପରେ ଲେଭୋନ୍‌ଙ୍କର ଖୁବ୍ ଚର୍ଚ୍ଚା ହେଲା। ଆଉ ଲୋକେ ଜାଣିଲେ, ଲେଭୋନ୍ କେମିତି ୨୩ ବର୍ଷ ହେଲା ଦିନକୁ ପ୍ରାୟ ୧୮ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ଏଭଳି ଏକ ନିଆରା ମନ୍ଦିର ଗଢିବାରେ ସକ୍ଷମ ହୋଇପାରିଥିଲେ। ୟା'ଭିତରେ ଲେଭୋନ୍‌ଙ୍କର ମୃତ୍ୟୁ ହୋଇସାରିଲାଣି, କିନ୍ତୁ ଆଜି ବି ତାଙ୍କର କୃତିତ୍ଵକୁ ଲୋକେ ପ୍ରଶଂସା କରୁଛନ୍ତି।

## ଗ୍ରାମବାସୀଙ୍କ ପାଣି ସମସ୍ୟା ଦୂର ପାଇଁ ପୋଖରୀ ଖୋଳିଲେ ଶ୍ୟାମ

ଛତିଶଗଡ଼ର କୋରିଆ ଜିଲା ଅନ୍ତର୍ଗତ ଏକ ଗାଁ ହେଉଛି ସଜା ପହାଡ। ଏଠାରେ ନା ପାନୀୟଜଳର ସୁବିଧା ଥିଲା ନା ଥିଲା ବିଦ୍ୟୁତ୍ ଯୋଗାଣ କିମ୍ବା ରାସ୍ତାଘାଟର ସୁବିଧା। ଗାଁ ନିକଟରେ ଥିବା କୂଅ ଉପରେ ସମସ୍ତେ ନିର୍ଭର କରି ଚଳୁଥିଲେ। ଖରାଦିନେ ଏହି କୂଅର ପାଣି ଶୁଖି ଯାଉଥିବାରୁ ସମସ୍ୟା ଆହୁରି ସଙ୍କଟାପନ୍ନ ହୋଇଯାଉଥିଲା। ଏ ସମସ୍ୟାରୁ କେମିତି ମୁକ୍ତି ମିଳିବ ସେ ଉପାୟ


# ପାଣି ପାଇଁ ପାହାଡ଼ ରାସ୍ତା କାଟିଲେ ଗ୍ରାମବାସୀ

କୋରାପୁଟ ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡରେ ରହିଛି ପିଣ୍ଡିକିମାଳିଗୁଡା ଗ୍ରାମ। ଗ୍ରାମରେ ରହନ୍ତି ୩୫ ପରିବାର। ଚାଷ ହେଉଛି ସେମାନଙ୍କ ଆୟର ମୁଖ୍ୟ ମାଧ୍ୟମ। କିନ୍ତୁ ପାଣିର ଅଭାବ ଯୋଗୁ ଗାଁରେ ଥିବା ଏକ କୂଅରୁ ପାଣି କାଢି ବର୍ଷରେ ମାତ୍ର ୩/୪ ମାସ ଫସଲ କରି ବହୁ କଷ୍ଟରେ ସେମାନେ ପରିବାର ପ୍ରତିପୋଷଣ କରୁଥିଲେ। ଏ ସମସ୍ୟାରୁ କେମିତି ମୁକ୍ତି ମିଳିବ ସେ ନେଇ ଗ୍ରାମବାସୀ ଏକତ୍ର ହୋଇ ଏକ ବୈଠକ ଡକାଇଲେ। ଗ୍ରାମବାସୀ ଏନେଇ ନିଜ ନିଜର ମତ ରଖୁଥିବାବେଳେ ଗାଁର ମୁଖିଆ ଗଙ୍ଗାଧର ନାୟକ ଗାଁଠାରୁ ୧ କି.ମି ଦୂରରେ ଥିବା ଦାଦିବୁଢା ପାହାଡ ନିକଟରେ ଏକ ଝରଣା ରହିଥିବା ପ୍ରକାଶ କରିଥିଲେ। ଆଉ ସେହି ପାଣିକୁ କିପରି ଗାଁକୁ ଅଣାଯାଇପାରିବ ସେଥିପାଇଁ ଯୋଜନା କରିବାକୁ ଗ୍ରାମବାସୀଙ୍କୁ କହିଲେ। ଗ୍ରାମବାସୀ ଏନେଇ କୋରାପୁଟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଲେ। କିନ୍ତୁ ଏପରି କିଛି ବ୍ୟବସ୍ଥା ମ୍ୟୁନିସିପାଲିଟିରେ ନାହିଁ ବରଂ କୋରାପୁଟ ବ୍ଲକ୍‌କୁ ଯାଇ ବିଡିଓଙ୍କୁ ସାକ୍ଷାତ କରିବାକୁ ସେମାନେ ପରାମର୍ଶ ଦେଲେ। ଏହା ପରେ ଗ୍ରାମବାସୀ ବ୍ଲକ୍‌କୁ ଯାଇ ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ବାଧ୍ୟ ହୋଇ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ


ଗଙ୍ଗାଧର ନାୟକ

ଝରଣା ପାଣିକୁ ସୁବିଧାରେ ଗାଁକୁ ଆଣିବାକୁ ଚେଷ୍ଟା ଚଳାଇଥିଲେ। ୨୦୧୬ ନଭେମ୍ବରରେ ଗ୍ରାମବାସୀ କିଛି ବାଟ ପାହାଡିଆ ରାସ୍ତା କାଟିବା ପରେ ମାଟି ଖୋଳି ନାଳ କରି ସେହିବାଟେ ପାହାଡର ଝରଣା ଜଳକୁ ଗାଁ ମୁଣ୍ଡକୁ ଆଣିଥିଲେ ଆଉ ସେଠାରେ ଏକ ଗାତ ଖୋଳି ପାଣିକୁ ଗଚ୍ଛିତ କରିଥିଲେ। ପରେ ସେଠାରୁ ପ୍ରାୟ ୩ଶହ ମିଟର ପ୍ଲାଷ୍ଟିକ୍ ପାଇପ୍ ଯୋଗେ ପାଣିକୁ ନେଇ ଗାଁ ଜମିରେ ମଡାଇଥିଲେ। ପାଇପ୍ ଭିତରେ ପାଣିର ଫ୍ଲୋ ଯେମିତି ଭଲରେ ହୋଇପାରିବ, ସେଥିପାଇଁ ଖାଲୁଆ ସ୍ଥାନମାନଙ୍କରେ କେଉଁଠି କେଉଁଠି ବାଉଁଶ ଓ କାଠ ପୋତି ତା' ଉପରେ ପାଇପ୍ ରଖିଥିଲେ ତ ଆଉ କେଉଁଠି ଗଛ ଡାଳର ସନ୍ଧିରେ ପାଇପକୁ ନେଇଥିଲେ ଗ୍ରାମବାସୀ। ତେବେ ଏ କାର୍ଯ୍ୟ ପାଇଁ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଗ୍ରାମବାସୀଙ୍କୁ ପାଖାପାଖି ମାସେ କଠିନ ପରିଶ୍ରମ କରିବାକୁ ପଡିଥିଲା। ବର୍ତ୍ତମାନ ଏହି ସୁବିଧା ଯୋଗୁ ଗ୍ରାମବାସୀ ପ୍ରାୟ ୧୦ ଏକର ଜମିରେ ବର୍ଷସାରା ବିଭିନ୍ନ ପନିପରିବା ଚାଷ କରି ସେମାନଙ୍କର ଆର୍ଥିକ ଅବସ୍ଥାକୁ ସୁଧାରିବା ଆରମ୍ଭ କରିଛନ୍ତି। ଝରଣାରୁ ଆସୁଥିବା ପାଣିରେ କେବଳ ଚାଷବାସ ନୁହେଁ ଗାଧୋଇବା, ଲୁଗା ସଫା କରିବା, ବାସନ ମାଜିବା ଇତ୍ୟାଦି କାମ ବି ସେମାନେ ତୁଲାଉଛନ୍ତି। ଏପରି କି ପାଣିକୁ ଅଯଥା ନଷ୍ଟ ନ କରିବା ପାଇଁ ସେମାନେ ଗାଧୋଇବା ପାଣିକୁ ବି ଜମିକୁ ମଡାଇ ଦେଉଛନ୍ତି। ଏନେଇ ଗାଁର ମୁଖିଆ ଗଙ୍ଗାଧର ନାୟକ କୁହନ୍ତି, 'ଗାଁରେ ପୂର୍ବରୁ ପାଣି ପାଇଁ ବହୁ ଅସୁବିଧା ହେଉଥିଲା। ହେଲେ ବର୍ତ୍ତମାନ ଝରଣା ପାଣି ଯୋଗୁ ବର୍ଷର ପ୍ରାୟ ୧୦ ମାସ ଚାଷ ହୋଇପାରୁଛି। ଫଳରେ ଦୁଇ ପଇସା ଭଲ ରୋଜଗାର ଆମେ କରିପାରୁଛୁ।' ତେଣୁ ଏଠାରେ କେବଳ ଏତିକି କୁହାଯାଇପାରେ ଯେ, ସରକାରଙ୍କ ସହାୟତାକୁ ଅପେକ୍ଷା ନ କରି ସ୍ୱଚେଷ୍ଟାରେ ଗାଁର ଉନ୍ନତି ସହ ସାମୂହିକ ଭାବେ ଭଲରେ ଚଳିବା ପାଇଁ ପିଣ୍ଡିକିମାଳିଗୁଡା ଗ୍ରାମବାସୀ ନେଇଥିବା ପଦକ୍ଷେପ ସତରେ ପ୍ରଶଂସାଯୋଗ୍ୟ।

–ଅମିତାଭ ବେହେରା


ଲେଭୋନ୍ ଅରାକେଲ୍ୟାନ


ପିଣ୍ଡିକିମାଳିଗୁଡା ଗ୍ରାମବାସୀ

# ଭିଟାମାଟି ପାଇଁ ପାହାଡ କାଟିଲେ ଜଳନ୍ଧର

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକର ଡୁଡିପାଙ୍କୁ ପଞ୍ଚାୟତ ଅନ୍ତର୍ଗତ ଏକ ନିକାଞ୍ଚନ ଗାଁ ହେଉଛି ଗୁମି। ପାହାଡ ଜଙ୍ଗଲ ଘେରା ଏହି ଗାଁକୁ ଯିବା ପାଇଁ ନା ଭଲ ରାସ୍ତା ଥିଲା ନା ଥିଲା ବିଦ୍ୟୁତ୍ ସଂଯୋଗ କି ପାନୀୟ ଜଳର ସୁବିଧା। ସରକାରୀ ଯୋଜନା ବି ଥିଲା ଏଠାରେ ଅପହଞ୍ଚ। ପୂର୍ବେ ଏଠାରେ ରହୁଥିଲେ ସମୁଦାୟ ୫ଟି ପରିବାର। ଚାଷ ଥିଲା ସେମାନଙ୍କର ରୋଜଗାରର ମୁଖ୍ୟ ମାଧ୍ୟମ। ବଜାରହାଟ କିମ୍ବା ଡାକ୍ତରଖାନା ଯିବାକୁ ହେଲେ ସେମାନଙ୍କୁ ୫ଟି ପାହାଡ ବହୁ କଷ୍ଟରେ ଅତିକ୍ରମ କରି ଯିବାକୁ ପଡୁଥିଲା। ସେହିପରି ଆଉ ଏକ ବାଟରେ ଗଲେ ସ୍ଥାନୀୟ ପୁତୁଡି ଜଳପ୍ରପାତ ଦେଇ ନଦୀ ପାର ହୋଇ ପ୍ରାୟ ୧୬/୧୭ କି.ମି ଚାଲି ଚାଲି ଯିବାକୁ ହେଉଥିଲା, ଯାହା ମଧ୍ୟ ଥିଲା ଖୁବ୍ କଷ୍ଟଦାୟକ। ବର୍ଷାଦିନେ ତ ଅବସ୍ଥା ଆହୁରି ସଙ୍କଟାପନ୍ନ। ଏହି ସବୁ ସମସ୍ୟା ଭିତରେ ଅନେକ ଦିନ କାଳାତିପାତ କରିବା ପରେ ଏଠାରେ ବସବାସ କରୁଥିବା ୫ ପରିବାର ମଧ୍ୟରୁ ୪ ପରିବାର ଗାଁ ଛାଡି ଅନ୍ୟତ୍ର ଚାଲିଗଲେ। ଏକାକୀ ରହିଗଲେ ଜଳନ୍ଧର ନାୟକଙ୍କ ପରିବାର। ଜଳନ୍ଧରଙ୍କ ପରିବାର କହିଲେ ତାଙ୍କ ବାପା, ସ୍ତ୍ରୀ ଓ ୩ ପୁଅ। ଗମନାଗମନର ସୁବିଧା ନ ଥିବାରୁ ପିଲାମାନେ ବି ଘର ଛାଡି ନିକଟସ୍ଥ ସେବାଶ୍ରମରେ ରହି ପଢୁଥିଲେ। ପିଲାମାନେ ଘରଛାଡ଼ି ରହୁଥିବାରୁ ଜଳନ୍ଧରଙ୍କୁ ଭଲ ଲାଗୁ ନ ଥିଲା। ସେଥିପାଇଁ ସେ ବି ଗାଁ ଛାଡି ଅନ୍ୟତ୍ର ଚାଲି ଯିବାକୁ ଚିନ୍ତା କରୁଥିଲେ। କିନ୍ତୁ ପିତୃପୁରୁଷଙ୍କ ଭିଟାମାଟି ଛାଡି ଯିବାକୁ ତାଙ୍କ ବାପା ଆଦୌ ରାଜି ହେଲେନି। ତେଣୁ ପରିବାର ଘେନି ଏକାକୀ ରହିବାକୁ ଶେଷରେ ବାଧ୍ୟ ହେଲେ ଜଳନ୍ଧର। ସରକାରଙ୍କର କୌଣସି ଯୋଜନା ଏଠାରେ ଆଉ କାମ କରିବ ସେ ଆଶା ବି ତାଙ୍କ ମନରୁ ଧୀରେ ଧୀରେ ଲିଭିଗଲା। ଶେଷରେ ସେ ଦୃଢ ନିଷ୍ପତ୍ତି ନେଲେ ଯେମିତି ବି ହେଉ ନିଜ ଚେଷ୍ଟାରେ ଗାଁକୁ ରାସ୍ତାଟିଏ ଗଢିବେ। ଗାଁକୁ ପହଞ୍ଚିବାକୁ ୫ଟି ପାହାଡ ଅତିକ୍ରମ କରିବାକୁ ପଡୁଥିବାରୁ ସେ ଏହାକୁ କାଟିବା ଆରମ୍ଭ କଲେ। ପରିବାର ପ୍ରତିପୋଷଣ ପାଇଁ ଚାଷବାସ କରିବା ସଙ୍ଗେସଙ୍ଗେ ପ୍ରତିଦିନ ଜଳନ୍ଧର ସକାଳେ ୨ ଘଣ୍ଟା ଓ ଅପରାହ୍ନରେ ୩ ଘଣ୍ଟା ପାହାଡ କାଟିବାରେ ସମୟ ଅତିବାହିତ କରୁଥିଲେ। ପାଖାପାଖି ୨ ବର୍ଷ ଜଳନ୍ଧରଙ୍କର ଏହି ପାହାଡ କାଟିବା କାମ ଚାଲିବା ପରେ ତାହା ଲୋକଲୋଚନକୁ ଆସିଥିଲା। ସେତେବେଳକୁ ଜଳନ୍ଧର ପାହାଡ କାଟି ଘରଠାରୁ ପ୍ରାୟ ୩/୪ କି.ମି. ପର୍ଯ୍ୟନ୍ତ ପାଖାପାଖି ୨/୩ ଫୁଟ ଚଉଡ଼ାର ରାସ୍ତା ତିଆରି କରିସାରିଥିଲେ। ଆହୁରି ପ୍ରାୟ ୫/୬ କି.ମି ପାହାଡିଆ ରାସ୍ତା କାଟିଲେ ଯାଇ ମୁଖ୍ୟ ରାସ୍ତାକୁ ବାହାରିହେବ ବୋଲି ସେତେବେଳେ ସେ ପ୍ରକାଶ କରିଥିଲେ। ପରେ ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତାଙ୍କୁ ସହାୟତାର ପ୍ରତିଶ୍ରୁତି ମିଳିଥିଲା।

–ରାକେଶ ରାଉତ


ଶ୍ୟାମ ଲାଲ୍

କାହା ପାଖରେ ନ ଥିଲା କି ସରକାରଙ୍କ ତରଫରୁ କୌଣସି ଯୋଜନା ଏଠାରେ ପହଞ୍ଚି ପାରୁ ନ ଥିଲା। ଦିନେ ଶ୍ୟାମ ଲାଲ୍ ନାମକ ଜଣେ ପନ୍ଦର ବର୍ଷର କିଶୋର ଏଥିପାଇଁ ଅଣ୍ଟାଭିଡିଲେ। ସେ ହାତରେ କୋଦାଳ ଧରି ପୋଖରୀ ଖୋଳିବାକୁ ନିଷ୍ପତ୍ତି ନେଲେ। ନିଜ ଚିନ୍ତାଧାରା ବିଷୟରେ ଯେବେ ଗାଁ ଲୋକଙ୍କୁ କହିଲେ, କେହି ତାଙ୍କୁ ସାହାଯ୍ୟର ହାତ ବଢାଇବା ତ ଦୂରର କଥା ଓଲଟି ଉପହାସ କରିବାକୁ ଲାଗିଲେ। ତଥାପି ମନରେ ସାହସ ବାନ୍ଧି ଗାଁ ନିକଟରେ ଏକ ପୋଖରୀ ଖୋଳିବା କାମ ସେ ଆରମ୍ଭ କରିଦେଲେ। ୨୭ ବର୍ଷର ଅକ୍ଲାନ୍ତ ପରିଶ୍ରମ ପରେ ଶ୍ୟାମ ପ୍ରାୟ ୧ ଏକର ଜାଗା ଉପରେ ପାଖାପାଖି ୧୫ ଫୁଟ ଗଭୀରର ପୋଖରୀ ଖୋଳିବାରେ ସଫଳ ହେଲେ। ଏ ଘଟଣା ଯେତେବେଳେ ଲୋକଲୋଚନକୁ ଆସିଲା, ସ୍ଥାନୀୟ ଜିଲାପାଳ ଓ ବିଧାୟକ ଯାଇ ଶ୍ୟାମଙ୍କ କାମକୁ ପ୍ରଶଂସା କରିବା ସହ ତାଙ୍କୁ ପୁରସ୍କୃତ କରିଥିଲେ। ଏବଂ ତାଙ୍କ ଗାଁକୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ବି ଦେଇଥିଲେ। ସେତେବେଳେ ଯେଉଁ ଗ୍ରାମବାସୀ ଶ୍ୟାମଙ୍କର ମହତ୍ ଉଦ୍ଦେଶ୍ୟକୁ ବୁଝି ନ ପାରି ଥଟ୍ଟା କରୁଥିଲେ, ଆଜି ସେମାନେ ଶ୍ୟାମଙ୍କୁ ନେଇ ଗର୍ବ ଅନୁଭବ କରୁଛନ୍ତି।


## ଗାଁରେ ପାଣି ସମସ୍ୟା ପାଇଁ ଏକାକୀ କୂଅ ଖୋଳିଲେ ଭଗବାନ

ମଧ୍ୟପ୍ରଦେଶର ଏକ ଗାଁ ହେଉଛି ନେଭାରୀ। ହଠାତ୍ ଏହି ଗାଁରେ ବି ଦେଖାଦେଲା ପାଣିର ଘୋର ସମସ୍ୟା। ଗାଁରେ ଥିଲା କେତୋଟି ହାତଗଣତି ହ୍ୟାଣ୍ଡପମ୍ପ। କିନ୍ତୁ ଚାଷବାସ ପାଇଁ ଏହା ଯଥେଷ୍ଟ ହୋଇପାରୁ ନ ଥିଲା। ଫଳରେ ଗାଁଲୋକେ ରୋଜଗାରଶୂନ୍ୟ ହେବାକୁ ଲାଗିଲେ। ଏ ସମସ୍ୟାର ସମାଧାନ ପାଇଁ ଗାଁରେ ରହୁଥିବା ପ୍ରାୟ ୬୫୦ ଜଣ ଗ୍ରାମବାସୀଙ୍କ ମଧ୍ୟରୁ ଭଗବାନ ସିଂ ନାମକ ଜଣେ ବ୍ୟକ୍ତି ଅଣ୍ଟା ଭିଡିଲେ। କାରଣ ତାଙ୍କର ଥିଲା ୮ ଏକର ଚାଷଜମି। ପାଣିର ଅଭାବ ଯୋଗୁ ଦୁଇବର୍ଷ ଫସଲ ଉଜୁଡି ଯିବାରୁ ତାଙ୍କର ବହୁତ କ୍ଷତି ହେଲା। ତିନି ଝିଅ ଓ ଗୋଟେ ପୁଅର ବାପା ଭଗବାନ ଶେଷରେ ନିଜ ଜମି ନିକଟରେ ଏକ କୂଅ ଖୋଳିବାକୁ ନିଷ୍ପତ୍ତି ନେଲେ। ପୂର୍ବରୁ ଏଥିପାଇଁ ଗାଁ ଲୋକେ କେହି ବି ସାହସ କରି ନ ଥିବାରୁ ସମସ୍ତେ ଭଗବାନଙ୍କୁ ଉପହାସ କରୁଥିଲେ। ଫଳରେ ନିଜେ ଭଗବାନ ସିଂ ବି ନିଜର ଦକ୍ଷତା ଉପରେ ବେଳେବେଳେ ସନ୍ଦେହ କରିବାକୁ ଲାଗିଲେ। କିନ୍ତୁ ତାଙ୍କୁ ତାଙ୍କ ସ୍ତ୍ରୀ ଓ ପିଲାମାନେ ସବୁବେଳେ ପ୍ରେରଣା ଦେଉଥିଲେ। ଯେଉଁଥିପାଇଁ ମାତ୍ର ୨୦ ଦିନ ଭିତରେ ଭଗବାନ ପ୍ରାୟ ୯୦ ଫୁଟ ଗଭୀରତାର ଏକ କୂଅ ଖୋଳିବାରେ ସକ୍ଷମ ହେଲେ। ଦିନେ ଯେଉଁ ଲୋକେ ତାଙ୍କୁ ଉପହାସ କରୁଥିଲେ, ସେମାନେ ଆସି ତାଙ୍କ କୂଅ ଚାରିପଟେ ଭିଡ଼ ଜମାଇବାକୁ ଲାଗିଲେ। ପରେ ସେହି କୂଅପାଣିକୁ ନେଇ ଅନେକ ଗ୍ରାମବାସୀ ଚାଷବାସ ବି କଲେ। ଏପରି କି ଭଗବାନ ସିଂଙ୍କଠାରୁ ପ୍ରେରଣା ପାଇ ଆଉ କିଛି ଗ୍ରାମାବାସୀ ନିଜ ନିଜ ଜମି ନିକଟରେ କୂଅ ଖୋଳିବାକୁ ମଧ୍ୟ ଇଚ୍ଛା ପ୍ରକାଶ କଲେ। ସେହିପରି ଭଗବାନ ସିଂଙ୍କ ସାହସିକତା ସମ୍ପର୍କରେ ଚର୍ଚ୍ଚା ହେବା ପରେ ସରକାରୀ ସ୍ତରରୁ ତାଙ୍କ ଗାଁକୁ ସାହାଯ୍ୟ ଯୋଗାଇ ଦେବାର ପ୍ରତିଶ୍ରୁତି ବି ମିଳିଥିଲା।

ଶେଷରେ କେବଳ ଏତିକି କୁହାଯାଇପାରେ ଯେ, ଇଚ୍ଛାଶକ୍ତି ହିଁ ମଣିଷଙ୍କୁ ଅସମ୍ଭବ କାମକୁ ସମ୍ଭବ କରି ଦେଖାଇବା ପାଇଁ ପ୍ରେରଣା ଦେଇଥାଏ। ତେଣୁ ଯେଉଁ ମାନଙ୍କର ଇଚ୍ଛାଶକ୍ତି ଯେତେ ଦୃଢ଼, ସେମାନଙ୍କ ସଫଳତା ପଥରେ ଯେତେ ବାଧାବିଘ୍ନ ଆସିଲେ ବି ଦିନେ ନା ଦିନେ ସେମାନେ ନିଶ୍ଚୟ ବିଜୟୀ ହୋଇଥାନ୍ତି।

– ଅମ୍ରିତା

# ବୀରୁଷ୍କାଙ୍କ କାର୍ କଲେକ୍ସନ






**ବିବାହ ପୂର୍ବରୁ ଏହି ଯୋଡି ଯେମିତି ଚର୍ଚ୍ଚିତ ଥିଲେ ବିବାହ ପରେ ବି ସେମିତି ଚର୍ଚ୍ଚିତ। ଚର୍ଚ୍ଚା ସେମାନଙ୍କର ଲକ୍ଜ୍ୟୁରିୟସ୍ ବିବାହ, ରିସେପ୍ସନ ଓ ହନିମୁନ୍‌କୁ ନେଇ ହୋଇଥିଲା। ତା'ସହ ତାଙ୍କର ବିଳାସମୟ ଜୀବନ, ୩୪ କୋଟିର ଘର ଓ ଲକ୍ଜ୍ୟୁରିୟସ୍ କାର୍ ସଉକ୍‌କୁ ନେଇ ବି ଚର୍ଚ୍ଚା ହୁଏ। ବୀରୁଷ୍କା ନାମରେ ପରିଚିତ ଏହି ଲଭବାର୍ଡଙ୍କ କାର୍ କଲେକ୍ସନ୍‌ରେ କ'ଣ ସବୁ ଲକ୍ଜ୍ୟୁରିୟସ୍ କାର୍ ରହିଛି ଜାଣନ୍ତୁ ନିମ୍ନରୁ...**

### ବିରାଟଙ୍କ କାର୍ କଲେକ୍ସନ୍

**ଅଡି ଆର୍ ୮ ଏଲ୍ଏମ୍ଏକ୍ସ ଲିମିଟେଡ୍ ଏଡିଶନ୍–** କୋହଲିଙ୍କର ଅଡିର ଦୁଇଟି ଆର୍ ୮ ଏଡିଶନ୍ ଅଛି। ସେଥିରୁ ଗୋଟିଏ ହେଉଛି ଲିମିଟେଡ ଏଡିଶନ୍, ଯାହାର ମୂଲ୍ୟ ୨.୯୭ କୋଟି।

**ଅଡି ଆର୍ ୮ ଭି୧୦–** ୫.୨ ଲିଟର ଭି ୧୦ ଇଞ୍ଜିନବିଶିଷ୍ଟ ଅଡିର ଏହି ଏଡିଶନ୍‌ର ମୂଲ୍ୟ ହେଉଛି ୨ କୋଟି।

**ଅଡି ଏ୮ଏଲ୍ ଡବ୍ଲ୍ୟୁ୧୨ କ୍ୱାର୍ଟୋ–** କୋହଲିଙ୍କ ଗ୍ୟାରେଜ୍‌ରେ ଥିବା ଅଡିର ଆଉ ଏକ ଫାଷ୍ଟ ଏଡିଶନ୍ ହେଉଛି ଏ ୮ଏଲ୍ ଡବ୍ଲ୍ୟୁ୧୨। ଏହାର ମୂଲ୍ୟ ୧.୮୭ କୋଟି।

**ଅଡି ଏସ୍୬–** ୯୫.୨୫ ଲକ୍ଷ ମୂଲ୍ୟବିଶିଷ୍ଟ ଏହି କାର୍ ବି କୋହଲିଙ୍କର ଅଛି।

**ଅଡି କ୍ୟୁ୭ ୪.୨ ଟିଡିଆଇ–** ଅଡି କ୍ୟୁ୭ ହେଉଛି ଏକ ପ୍ରିମିୟମ୍ ଏସ୍‌ୟୁଭି। ଆଉ ଏହା ବିରାଟଙ୍କର ବେଶ୍ ପ୍ରିୟ। ଏହାର ମୂଲ୍ୟ ହେଉଛି ୮୭.୭ ଲକ୍ଷ।

**ଟୟୋଟା ଫର୍ଚୁନର୍ ୪ଏକ୍ସ୪–** ଯେତେବେଳେ କୋହଲି ଟୟୋଟା କମ୍ପାନୀ ସହ ଏକ ଏଣ୍ଡୋର୍ସମେଣ୍ଟ ଡିଲ୍ କରିଥିଲେ ଉକ୍ତ କମ୍ପାନୀ ତାଙ୍କୁ ଏହି କାର୍ ଉପହାର ସ୍ୱରୂପ ପ୍ରଦାନ କରିଥିଲା । ଏହାର ମୂଲ୍ୟ ୨୪–୩୦ ଲକ୍ଷ। ଏହା ବ୍ୟତୀତ ତାଙ୍କର ଅଡିଏସ୍୫, ୨.୦୮ କୋଟିର ଲ୍ୟାଣ୍ଡ ରେଞ୍ଜ ରୋଭର୍ ଭଗ୍ ଓ ରିନଲ୍ଟ ଡଷ୍ଟର ବି ଅଛି। କୋହଲି ରଖିଥିବା ଅଡିର ବିଭିନ୍ନ ଏଡିଶନ୍‌ରୁ ଜଣାପଡୁଛି ଯେ, ସେ ଅଡି କାରକୁ ବହୁତ ଭଲ ପାଆନ୍ତି।

### ଅନୁଷ୍କାଙ୍କ କାର୍

ଅନୁଷ୍କାଙ୍କର ମାତ୍ର ୨ଟି କାର୍ ଅଛି। ଗୋଟିଏ ହେଉଛି ରେଞ୍ଜ ରୋଭର୍, ଯାହାକୁ ସେ ପ୍ରତିଦିନ ବ୍ୟବହାର କରନ୍ତି। ଅନ୍ୟଟି ବିଏମ୍‌ଡବ୍ଲ୍ୟୁ ୭ ସିରିଜ୍। ରେଞ୍ଜ ରୋଭର୍ ଭଗ୍‌ର ମୂଲ୍ୟ ୨.୦୮ କୋଟି ହୋଇଥିବାବେଳେ ବିଏମ୍‌ଡବ୍ଲ୍ୟୁର ମୂଲ୍ୟ ହେଉଛି ୧.୧୧ କୋଟି।















# ଗିରିଶ କର୍ଣ୍ଣାଡ



ଭାରତୀୟ ନାଟ୍ୟ ଜଗତର ଏକ ବହୁ ପ୍ରଚାରିତ ନାମ ଗିରିଶ କର୍ନାଡ। ଜଣେ ଉଚ୍ଚକୋଟୀର ନାଟ୍ୟକାର ଭାବରେ ଗିରିଶଙ୍କୁ ସର୍ବସମ୍ମତ ମାନ୍ୟତା ପ୍ରଦାନ କରାଯାଇଥାଏ। ତେବେ ସେ ଯେ କେବଳ ଜଣେ ନାଟ୍ୟକାର ସେକଥା ନୁହେଁ; ସେ ଏକାଧାରରେ ଜଣେ ଅଭିନେତା, ନାଟ୍ୟ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଏବଂ ସ୍କଲାର। ଉଭୟ ହିନ୍ଦୀ ଏବଂ କନ୍ନଡ ସିନେମାରେ ତାଙ୍କର ଆଧିପତ୍ୟ ରହିଥିବା ବେଳେ କନ୍ନଡ ସିନେମା ଶିଳ୍ପରେ ତାଙ୍କୁ ଜଣେ ଦୂରଦର୍ଶୀ ବ୍ୟକ୍ତିତ୍ୱ ଭାବରେ ମାନ୍ୟତା ଦିଆଯାଇଥାଏ। ୧୯୬୦କୁ ଗିରିଶଙ୍କ ନାଟ୍ୟ ଉତ୍ଥାନର ଦଶକ ବୋଲି କୁହାଯାଏ। କ୍ରିଟିକ୍‌ମାନେ ଏକ ସ୍ୱରରେ ଏକଥା ସ୍ୱୀକାର କରନ୍ତି ଯେ, ଏହି ଦଶକ ପରଠାରୁ କେବଳ କନ୍ନଡ ଭାଷା ସାହିତ୍ୟରେ ନୁହେଁ; ସମଗ୍ର ଭାରତୀୟ ଭାଷା ସାହିତ୍ୟରେ ପୁନର୍ଜାଗରଣ ସ୍ୱର ସ୍ପଷ୍ଟ ହୋଇଥିଲା। ସେଥିଲାଗି, ଗିରିଶଙ୍କୁ ଯଥାର୍ଥରେ ବଙ୍ଗଳା ନାଟ୍ୟ ସାହିତ୍ୟର ବାଦଲ ସରକାର, ମରାଠୀ ନାଟ୍ୟ ସାହିତ୍ୟର ବିଜୟ ତେନ୍ଦୁଲକର ଏବଂ ହିନ୍ଦୀ ନାଟ୍ୟ ସାହିତ୍ୟର ମୋହନ୍ ରାକେଶଙ୍କ ସହିତ ତୁଳନା କରାଯାଇଥାଏ। ୧୯୯୮ରେ ତାଙ୍କୁ ଭାରତୀୟ ସାହିତ୍ୟର ସର୍ବୋଚ୍ଚ ସମ୍ମାନ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୀର୍ଘ ଚାରି ଦଶନ୍ଧି ଧରି କଲମ ଚାଳନା ଜାରି ରଖିଥିବା ଗିରିଶଙ୍କ ନାଟକ ସବୁ ମୁଖ୍ୟତଃ ଇତିହାସ ତଥା ପୌରାଣିକ ବିଷୟବସ୍ତୁ ଆଧାରିତ। ପୁଣି ସେସବୁରେ ମଣିଷ ଭୋଗ କରୁଥିବା ଯାବତୀୟ ମାନସିକ ଦ୍ୱନ୍ଦ୍ୱକୁ ନାଟ୍ୟକାର ଅତି ଶାଣିତ ଭାବରେ ବ୍ୟକ୍ତ କରିଥାନ୍ତି।







**ଜନ୍ମ:** ୧୯୩୮ରେ ମହାରାଷ୍ଟ୍ରର ମାଥେରାନ୍ ଠାରେ ଗିରିଶ କର୍ନାଡଙ୍କ ଜନ୍ମ। ମା' କ୍ରିଷ୍ଣାବାଇ ମାନ୍‌କିକର ଏବଂ ବାପା ଡ. ରଘୁନାଥ କର୍ନାଡ। ତାଙ୍କ ମା' କ୍ରିଷ୍ଣାବାଇ ରଘୁନାଥଙ୍କୁ ବାହାହେବା ଆଗରୁ ଜଣେ ବିଧବା ଭାବରେ ଜୀବନ ବିତାଉଥିଲେ। ତାଙ୍କର ମଧ୍ୟ ଗୋଟେ ପୁଅ ଥିଲା। ପେସାରେ କ୍ରିଷ୍ଣାବାଇ ଥିଲେ ଜଣେ ନର୍ସ। ଟ୍ରେନିଂ ସମୟରେ ତାଙ୍କର ରଘୁନାଥଙ୍କ ସହ ସାକ୍ଷାତ ହୋଇଥିଲା। ସେମାନେ ପରସ୍ପରକୁ ପ୍ରେମ କରି ବସିଥିଲେ। ତେବେ ବିବାହକୁ ନେଇ ଖୁବ୍ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। କାରଣ ସେତେବେଳେ ବିଧବା ବିବାହକୁ ଏକ ସାମାଜିକ କୁସଂସ୍କାର ଭାବରେ ବିବେଚନା କରାଯାଉଥିଲା। ଏହା ସତ୍ତ୍ୱେ ରଘୁନାଥ ଓ କ୍ରିଷ୍ଣାବାଇ ପ୍ରେମରେ ଅଟଳ ହୋଇରହିଥିଲେ। ବହୁ ବାଦାନୁବାଦ ପରେ ଆର୍ଯ୍ୟ ସମାଜ ସେମାନଙ୍କ ପ୍ରେମକୁ ସମ୍ମତି ଦେଇଥିଲା ଓ ସେହି ଆର୍ଯ୍ୟ ସମାଜର ଅନୁଗ୍ରହରେ କ୍ରିଷ୍ଣାବାଇ ଓ ରଘୁନାଥଙ୍କର ବିବାହ ହୋଇଥିଲା। ତା'ପରେ ଜନ୍ମ ହୋଇଥିଲେ ଗିରିଶ ଏବଂ ତାଙ୍କର ଅନ୍ୟ ଭାଇଭଉଣୀ।

**ପାଠପଢ଼ା ଓ ପିଲାବେଳ :** ପ୍ରଥମେ ମରାଠୀ ସ୍କୁଲ୍‌ରେ ପାଠପଢ଼ା ଆରମ୍ଭ କରିଥିଲେ ଗିରିଶ। ପରେପରେ ତାଙ୍କ ପରିବାର କର୍ନାଟକକୁ ସ୍ଥାନାନ୍ତରିତ ହୋଇଗଲେ। ଫଳରେ କନ୍ନଡ ତାଙ୍କର ମାତୃଭାଷା ପାଲଟିଗଲା। ଏବେ ମଧ୍ୟ ଗିରିଶ କନ୍ନଡ ଭାଷାରେ ଲେଖିବାକୁ ତାଙ୍କର ଏକ ଦୁର୍ବଳତା ବୋଲି ମନେକରନ୍ତି। ସେ ଯା'ବି ହେଉ ପିଲାବେଳୁ ସେ ଏକ ନାଟ୍ୟ ପରମ୍ପରାରେ ବଢ଼ି ଆସିଥିଲେ। ତାଙ୍କର ମା'ବାପା ମଧ୍ୟ ନାଟକ ଦେଖିବାକୁ ଭଲପାଉଥିଲେ। ସେତିକି ନୁହେଁ, ଉଭୟ ମହାରାଷ୍ଟ୍ର ତଥା କର୍ନାଟକରେ ସେତେବେଳେ ଗାଁ ଗାଁରେ ନାଟ୍ୟ ମଣ୍ଡଳୀ ଗଢ଼ି ଉଠିଥିଲା। ମୁଖ୍ୟତଃ ପୌରାଣିକ କଥାବସ୍ତୁକୁ ଗୀତାଭିନୟରେ ଉପସ୍ଥାପନା କରାଯାଉଥିଲା। ଏପରି ଏକ ପରମ୍ପରା ସମୃଦ୍ଧ ପିଲାବେଳ ବିତେଇଥିବା ଗିରିଶଙ୍କ ମନରେ ସେହି ବାଲ୍ୟ ସମୟରୁ ହିଁ ନାଟକ ପ୍ରତି ଦୁର୍ବଳତା ସୃଷ୍ଟି ହୋଇଯାଇଥିଲା। ପ୍ରକାରାନ୍ତରେ ତାଙ୍କ ଭିତରେ ତାଙ୍କ ଅଜାଣତରେ ଏକ ନାଟ୍ୟକାର ଆତ୍ମପ୍ରକାଶ କରିଥିଲା।

**ନାଟ୍ୟମନସ୍କ ଗିରିଶ:** କର୍ନାଟକ ୟୁନିଭର୍ସିଟିରୁ ମାଥମେଟିକ୍ସ ଏବଂ ଷ୍ଟାଟିଷ୍ଟିକ୍ସରୁ ବ୍ୟାଚଲର ଡିଗ୍ରୀ ହାସଲ କରିସାରିବା ପରେ ଫିଲୋସଫି, ଇକୋନୋମିକ୍ସ ଏବଂ ପଲିଟିକାଲ୍ ସାଇନ୍ସରେ ଉଚ୍ଚତର ଶିକ୍ଷା ହାସଲ କରିବା ଲାଗି ଗିରିଶ ବିଟ୍ରେନ ଯାଇଥିଲେ। ଏସବୁ ଭିତରେ କିନ୍ତୁ ସେ ଗୋଟିଏ କଥା ଭୁଲି ଯାଇ ନ ଥିଲେ। ଆଉ ତାହା ହେଉଛି ନାଟକ। ଆଉ ନାଟକ ପାଇଁ ସମ୍ପୂର୍ଣ୍ଣ ସମୟ ଦେବା ପାଇଁ ସେ ଚାକିରିକୁ ମଧ୍ୟ ମନା କରିଦେଇଥିଲେ। ଗିରିଶଙ୍କର ପ୍ରଥମ ନାଟକ 'ଯଯାତି'। ମହାଭାରତରୁ ସେ ଏହି କାହାଣୀ ସଂଗ୍ରହ କରିଥିଲେ ମଧ୍ୟ ସାମ୍ପ୍ରତିକ ମଣିଷ ପାଇଁ ଯଯାତି ଯେ ଏକ ଚେତାବନୀ ପୁଣି ମେଟାଫର ବା ପ୍ରତୀକ ସେ ତାହା ପ୍ରତିପାଦନ କରିଥିଲେ। ଫଳରେ ରାତାରାତ ନାଟକଟି ତାଙ୍କୁ ଲୋକପ୍ରିୟ କରିଦେଇଥିଲା। ସେତିକି ନୁହେଁ ଏହି ନାଟକ ମଞ୍ଚସ୍ଥ ହେବା ପରେ ନାଟ୍ୟ ରଚନା ଦିଗରେ ମଧ୍ୟ ଏକ ବଡ଼ଧରଣର ପରିବର୍ତ୍ତନ ସୃଷ୍ଟି ହୋଇଥିଲା।

ଗିରିଶଙ୍କ ନାଟକଗୁଡ଼ିକ ମଧ୍ୟରେ ରହିଛି ଯଯାତି, ହୟବଦନ, ମା' ନିଷାଦ, ତୁଘଲକ୍, ନାଗମଣ୍ଡଳମ୍ ଏବଂ ଆହୁରି ଅନେକ।







# ଗୁଣ୍ଡୁଚି ବନାମ ଗିଲହରୀ

– ଡ. କୈବଲ୍ୟ କୁମାର ବେହେରା



ଶାନ୍ତନୁ ସେଦିନ ପାର୍କରେ ପହଞ୍ଚିବା ବେଳକୁ ପାର୍କଟି ସାମାନ୍ୟ ଗହଳି ଲାଗୁଥିଲା। ଏହି ଶିଳ୍ପାଞ୍ଚଳ ସହରର ଇଞ୍ଜିନିୟର୍ସ କଲୋନୀ ଭିତରେ ପାର୍କଟି ଥିବାରୁ ସାଧାରଣ ଲୋକେ ପ୍ରାୟତଃ ଆସନ୍ତି ନାହିଁ। ବାସ୍ତବରେ କହିବାକୁ ଗଲେ ପାର୍କଟି ସୁନ୍ଦର ଭାବରେ ନିର୍ମିତ ଓ ପରିଚାଳିତ। ଫୁଲ ବଗିଚା, ଘାସ ଗାଲିଚା, ସ୍ୱଚ୍ଛ ପାଣିର ଛୋଟ ଏକ ହ୍ରଦ। ପିଲାଙ୍କ ଖେଳିବା ପାଇଁ ସ୍ଲାଇଡର, କ୍ଲାଇମ୍ବର, ମେରୀ ଗୋ ରାଉଣ୍ଡ, ଦୋଳି, ରଙ୍ଗିନ ଷ୍ଟିଲ ବେଞ୍ଚ ସବୁକିଛି ଯୋଜନାବଦ୍ଧ ଭାବରେ ରହିଛି। ସେଥିପାଇଁ ଫୁରସତ ମିଳିଲେ ମଝିରେ ମଝିରେ ଶାନ୍ତନୁ ସେହି ପାର୍କକୁ ଚାଲିଆସେ। ଗୋଟେ ଦୋଳିରେ ବସି ହ୍ରଦରେ ଫୁଟିଥିବା କଇଁ ଫୁଲମାନଙ୍କୁ ଚାହେଁ। କିଛି ପତ୍ରିକା କିମ୍ବା ବହି ପଢ଼େ। ନ ହେଲେ ଗୁଡ଼ାଏ ଅନାବନା କଥା ଭାବେ।

ସେଦିନ ଛୋଟ ପିଲାମାନଙ୍କ ଗହଳି ଦେଖି ଭାବିଲା, ଆଜି ବୋଧହୁଏ ପିଲାଙ୍କର ସ୍କୁଲ ଛୁଟି ଅଛି। କିମ୍ବା ପରୀକ୍ଷା ସରିଛି। ପିଲାମାନେ ଘାସ ଗାଲିଚା ଉପରେ ପାଟିକରି ଦୌଡ଼ାଦୌଡ଼ି କରୁଛନ୍ତି। ଅନ୍ୟପାଖରେ ସେମାନଙ୍କର ତରୁଣୀ ମା' ମାନେ ଗପସପ କରୁଛନ୍ତି।

ଶାନ୍ତନୁ ସେମାନଙ୍କୁ ଅତିକ୍ରମ କରି ପାର୍କର ଅନ୍ୟପାର୍ଶ୍ୱରେ ଗୋଟିଏ ବେଞ୍ଚ ଉପରେ ବସି ପିଲାମାନଙ୍କ ଖେଳ ଉପଭୋଗ କରିବାକୁ ଲାଗିଲା। ପିଲାମାନଙ୍କର ବୟସ ୬/୭ବର୍ଷ ଭିତରେ ହେବ। ହିନ୍ଦୀ ମିଶା ଓଡ଼ିଆ କହୁଛନ୍ତି। ନିଶ୍ଚୟ ଏଇ ଶିଳ୍ପାଞ୍ଚଳ ଇଂଲିଶ ମାଧ୍ୟମ ସ୍କୁଲରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀରେ ପଢୁଥିବେ।

ପିଲାମାନଙ୍କ ଖେଳ ଭିତରେ ପାର୍କରେ ଥିବା ଏକ ଗଛରୁ ଗୁଣ୍ଡୁଚି ମୂଷାଟିଏ ଓହ୍ଲାଇ ଆସି ଘାସ ଗାଲିଚା ଉପରେ ଦୌଡ଼ି ଚାଲିଗଲା। ଗୁଣ୍ଡୁଚି ମୂଷାକୁ ଦେଖି ଝିଅଟିଏ ତା'ର ପୁଅ ସାଙ୍ଗକୁ ବଡ଼ ପାଟିରେ କହିଲା– ପୁନିତ୍ ଦେଖ, ଗୁଣ୍ଡୁଚି। ପୁଅଟି ସଙ୍ଗେସଙ୍ଗେ କହି ଉଠିଲା– ନା ସେଲି, ସେଇଟା ଗିଲହରୀ। ସେଲି ପୁଣି ଦୋହରାଇଲା ନା ସେଇଟା ଗୁଣ୍ଡୁଚି। ସ୍କୁଇରେଲ୍। ପୁନିତ୍‌ର ଦୃଢ଼ ଯୁକ୍ତି ନା, ସେଇଟା ଗିଲହରୀ – ସ୍କୁଇରେଲ୍। ଏମିତି ଗୁଣ୍ଡୁଚି ଆଉ ଗିଲହରୀକୁ ନେଇ ସେମାନଙ୍କ ଯୁକ୍ତି ତୀବ୍ର ହେବାକୁ ଲାଗିଲା। ସେମାନଙ୍କ ଯୁକ୍ତିତର୍କ ଶୁଣି ଝିଅଟିର ମା' ସେମାନଙ୍କ ପାଖକୁ ଆସି କହିଲେ– ତୁମେ ଦୁଇଜଣ ଠିକ୍। ସ୍କୁଇରେଲକୁ ଓଡ଼ିଆରେ ଗୁଣ୍ଡୁଚି ଓ ହିନ୍ଦୀରେ ଗିଲହରୀ କହନ୍ତି।

ଉଭୟ ପୁଅଝିଅ କହୁଥିଲେ : ଆମେ ତ ସେଇଆ କହୁଛୁ।

– ପ୍ରାଧ୍ୟାପକ, ବାଣିଜ୍ୟ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

# ନାରୀ

– ସଂଘମିତ୍ରା ରଥ

ରାତିକୁ ଆଖିର କଜ୍ଜଳ
କରିନେଲା ପରେ
ବଳକା ବିଶ୍ୱାସକୁ
ପିନ୍ଧିନିଏ ପାଟଶାଢ଼ି କରି
ତମାମ ନିରାଭରଣ ଆତ୍ମାରେ
ଗୋଟି ଗୋଟି କରି
ଖଞ୍ଜିଦିଏ ଆଭୂଷଣ
କର୍ତ୍ତବ୍ୟର
ଗଳାର ହାରରେ ଝୁଲୁଥାଏ
ଅତୀତ ଆଉ ବର୍ତ୍ତମାନର
ସବୁତକ ଆବେଗ ।।
ସେଇ ଆବେଗମଗ୍ନା
ମୁହୂର୍ତ୍ତ ସହିତ
ଲୀନ ତପସ୍ୱିନୀ
ଅଭିମନ୍ତ୍ରିତ କରୁଥାଏ
ତା' ଦୁନିଆର ପ୍ରତିଟି ସକାଳ ।।
ଫେଡ଼ି ହୋଇଯିବାର
ଏକ ଅଲଗା ଅନୁଭବକୁ
ପ୍ରେମଲଗ୍ନା କରି
ଜାବୁଡ଼ି ଧରିବାରେ
ପ୍ରତିଥର ମୋହଗ୍ରସ୍ତା ହେଉଥାଏ
ସବୁକିଛି ବଦଳୁଥାଏ
ସମଗ୍ର ଋତୁ, ତମାମ୍ ସମୟ
ସବୁଜ ଦିନ ଆଉ ସୁନ୍ଦର ରାତି
ଯାହା କିଛି ସ୍ଥିର
ସେ ସେଇ
ମନ ତଳର ଏକାନ୍ତ ଗୋପନ
ସପନ ସମ୍ଭାର
ଆଶା ବୈତରଣୀ
ଆଉ ପ୍ରେମର ରାଗିଣୀ
ସେଇତକ ପୁଞ୍ଜି
ଜୀବନ ଜିଇ ନେବାର
ସେଇ ସଞ୍ଜୀବନୀ ।।

– ଲୁଧିଆନା, ପଞ୍ଜାବ

# ଛୁଅଁନା

– ରାମକୃଷ୍ଣ ବାରିକ

ମତେ ଛୁଅଁନା, ମତେ ଚାହଁନା
ମୋ ଦେହକୁ ଦେହ ଯୋଡ଼ି ଛିଡ଼ା ହୁଅନା
ତମେ ଦୂରେଇ ଯାଅ, ତମେ ଫେରିଯାଅ
କୂଳକୁ ଆସି ଫେରି ଯାଇଥିବା
ଗୋଟେ ଅଭିମାନୀ ଲହଡ଼ି ପରି ।।


ମତେ ଛୁଇଁଲେ ତମେ ଛୁଅନ୍ତା ହେବ
ମତେ ଆଲିଙ୍ଗନ କଲେ ଅପବିତ୍ର ହେବ

ମୁଁ ଏଇମାତ୍ର ମଶାଣିରୁ ଫେରିଛି
ତମର ସବୁ ବିଶ୍ୱାସ, ସବୁ ଭରସାକୁ
ଡହଡହ ଜୁଇରେ ଜାଳିଦେଇ...
ସବୁ ଭଲପାଇବା, ସବୁ ସ୍ନେହକୁ
ସଜସଜ ସମାଧି ଦେଇ...।।


ପାରୁଛ ଯଦି ଦିଅ ଟିକେ
ଘୃଣାର ଘିଅ, ହତାଶାର ହଳଦୀ
ମୁଁ ପ୍ରାୟଶ୍ଚିତ୍ତ କରି ଆସେ
ନିଜ ଅନୁତାପର ଲୁହରେ ବୁଡ଼ି
ବିନା ଶୁଦ୍ଧି, ବିନା ପବିତ୍ରତାରେ
ମୁଁ ତୁମକୁ କେମିତି ଛୁଇଁବି
କେମିତି ମୁହଁ ଦେଖେଇବି

ତମେ ପରା ଦେବୀ
ଆଉ ମୁଁ???
ମୁଁ ଗୋଟେ ଭଗ୍ନ ମୁଖଶାଳାର
ଅସ୍ୱଷ୍ଟ ପ୍ରତିଛବି!!!

– ସୋର, ବାଲେଶ୍ୱର



## ନବାଗତ ରୋହନ



ଆଉ ଜଣେ ଷ୍ଟାର କିଡ୍ ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। ସେ ହେଲେ ବିଗତ ଦିନର ଅନ୍ୟତମ ଲୋକପ୍ରିୟ ଅଭିନେତା ବିନୋଦ ମେହରାଙ୍କ ପୁଅ ରୋହନ। ପ୍ରଯୋଜକ ନିଖିଲ ଆଡୱାନୀ ତାଙ୍କୁ ବ୍ରେକ୍ ଦେଇଛନ୍ତି। ଫିଲ୍ମଟି ହେଲା 'ବଜାର'। ଏପରି ଏକ ସୁଯୋଗ ପାଇବା ପରେ ରୋହନ ଖୁସିରେ ଉଚ୍ଛୁଳି ଉଠିଥିଲେ। ଭବିଷ୍ୟତରେ ଯଦି ଭଲ ସୁଯୋଗ ମିଳେ ତେବେ ବଲିଉଡ୍‌ରେ ଆକ୍ଟିଂ କ୍ୟାରିୟର ଜାରି ରଖିବି ବୋଲି ସୂଚନା ଦେଇଛନ୍ତି ସେ। ୧୯୯୦ରେ ବିନୋଦଙ୍କ ମୃତ୍ୟୁ ପରେ ନିଜ ଜେଜେ, ମା ଏବଂ ଭଉଣୀଙ୍କ ସହ ରୋହନ କେନିଆର ମୋମ୍ବାସା ସହରରେ ରହି ଆସୁଛନ୍ତି। ଇଂଲଣ୍ଡରୁ ଇକୋନୋମେଟ୍ରିକ୍ସ ଏବଂ ମ୍ୟାଥମେଟିକ୍ସରେରେ ଡିଗ୍ରୀ ହାସଲ କରିଛନ୍ତି ସେ। 'ପିଲାଟି ଦିନରୁ ଆକ୍ଟିଂ ପ୍ରତି ମୋର ରୁଚି ଥିଲା। ଏବେ ମୋତେ ଯେଉଁ ଭୂମିକା (ରିଜୱାନ ଅହମ୍ମଦ) ମିଳିଛି ସେଥିପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଦର୍ଶକଙ୍କ ଉପରେ ମୋର ଯଥେଷ୍ଟ ଭରସା ରହିଛି ଏବଂ ସେମାନେ ମୋ ପରିଶ୍ରମର ମୂଲ୍ୟ ବୁଝିବେ ବୋଲି ଆଶା ରଖିଛି।' ନିଖିଲଙ୍କ ପ୍ରଯୋଜିତ 'ବଜାର'ର ନିର୍ଦ୍ଦେଶନା ଦେଇଛନ୍ତି ଗୌରବ କେ. ଚାୱଲା। ରୋହନଙ୍କ ବ୍ୟତୀତ ଏହି ଫିଲ୍ମରେ ସୈଫ ଅଲ୍ଲୀ ଖାଁ, ରାଧିକା ଆପ୍ଟେ ଏବଂ ଚିତ୍ରାଙ୍ଗଦା ସିଂ ଅଭିନୟ କରିଥିବା ବେଳେ ଏଲି ଆବ୍ରାହମଙ୍କୁ ଏକ ଗୀତରେ ଦେଖିବାକୁ ମିଳିବ।



ସୌମ୍ୟା

## ଅକ୍ଷୟଙ୍କ ପ୍ରଶଂସାରେ ସୌମ୍ୟା

ମଡେଲ-କମ୍-ଅଭିନେତ୍ରୀ ସୌମ୍ୟା ଟଣ୍ଡନ। ଛୋଟ ପରଦାରେ ଏକ ପରିଚିତ ନାମ। ମଡେଲିଂ ଏବଂ ଉପସ୍ଥାପିକା ଭାବରେ କିଛି ବର୍ଷ ନିଜ କ୍ୟାରିୟରକୁ ଆଗେଇ ନେବାପରେ ସେ ୨୦୧୪ରେ ଧାରାବାହିକ 'ଐସା ଦେଶ ହୈ ମେରା'ରୁ ତାଙ୍କର ଛୋଟ ପରଦା ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ଅଭିନୀତ ଧାରାବାହିକ 'ଭାବିଜୀ ଘର ପର୍ ହୈ' ବର୍ତ୍ତମାନ ଆଣ୍ଡ ଟିଭି ଚ୍ୟାନେଲରେ ପ୍ରସାରିତ ହେଉଛି। ଏଥିରେ ସେ ଜଣେ ଆଧୁନିକା ନାରୀ (ଅନୀତା ବିଭୂତି ନାରାୟଣ ମିଶ୍ର) ଭୂମିକାରେ ଅଭିନୟ କରୁଛନ୍ତି। ଏହାବ୍ୟତୀତ ସେ 'ମେରି ଆୱାଜ କୋ ମିଲଗୟି ରୋଶନି', 'କମେଡି ସର୍କସ କେ ତାନସେନ୍' ଅଭିନୟ କରିବା ସହ ରିୟାଲିଟି ଶୋ' 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ (ସିଜନ-୧,୨,୩)ରେ ଅଂଶଗ୍ରହଣ କରିଥିଲେ। ଏବେ ୩୩ବର୍ଷ ବୟସ୍କା ଏହି ଅଭିନେତ୍ରୀ ନିଜର ଫିଟ୍‌ନେସ ଶ୍ରେୟ ଦିଅନ୍ତି ଅକ୍ଷୟ କୁମାରଙ୍କୁ। 'ଆଜି ମୁଁ ନିଜକୁ ଫିଟ୍ ରଖିପାରିଛି ଏହା ପଛରେ ରହିଛି ଅକ୍ଷୟଜୀଙ୍କ ଟିପ୍ସ। ଥରେ ତାଙ୍କ ସହ ଦେଖାହୋଇଥିଲା ଏବଂ ସେତେବେଳେ ସେ ଯେଉଁ କେତୋଟି କଥା ମୋତେ ଫଲୋ କରିବାକୁ କହିଥିଲେ ତାହାକୁ ମୁଁ ଆଜି ପର୍ଯ୍ୟନ୍ତ ମାନି ଆସିଛି ବୋଲି କହନ୍ତି ସୌମ୍ୟା।' ଏହାବ୍ୟତୀତ ସେ ହିନ୍ଦୀ ସିନେମା 'ଜବ୍ ୱି ମେଟ୍'ରେ ମଧ୍ୟ ଅଭିନୟ କରିଥିଲେ।



ଅକ୍ଷୟ

## ସତ ନା ମିଛ

ଶ୍ରଦ୍ଧା କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡେ ପ୍ରେମରେ ଉବୁଟୁବୁ। ପୁଣି କାହା ସହ ଜାଣନ୍ତି ? ପିଲାଦିନର ବନ୍ଧୁ ତଥା ଫଟୋଗ୍ରାଫର ରୋହନ ଶ୍ରେଷ୍ଠାଙ୍କ ସହ। ଏ ନେଇ ଯାହା ତ ଆଲୋଚନା ଚାଲିଥିଲା, ହେଲେ ସେଥିରେ ନିଆଁରେ ଘିଅ ଢ଼ାଳିବା ଭଳି କାମ କରିଛନ୍ତି ରୋହନ। ନିକଟରେ ସେ ଦୁହିଁଙ୍କର କେତୋଟି ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି, ଯାହା ଏଭଳି ଆଲୋଚନାକୁ ଆଗକୁ ବଢ଼ାଇବାକୁ ଯଥେଷ୍ଟ ଖୋରାକ ଯୋଗାଇଛି। ରୋହନ ସିନା ଏ ନେଇ ଚୁପ୍ ଅଛନ୍ତି, ହେଲେ ଶେଷରେ ଶ୍ରଦ୍ଧା ଏହି ବିଷୟରେ ସଫେଇ ଦେଇଛନ୍ତି। ସେ କହନ୍ତି, 'ଯାହା ଶୁଣିବାକୁ ମିଳୁଛି ତାହା ମିଛ। ଏଭଳି ଅଯଥା କଥା ଯେ ଆଗକୁ ବଢୁ ତାହା ମୁଁ ଚାହେଁନା। ଆମେ ଦୁହେଁ ଭଲ ବନ୍ଧୁ। ପିଲାଟି ଦିନରୁ ମୁଁ ତାଙ୍କୁ ଭଲ ଭାବରେ ଜାଣିଛି ଆଉ ସେ ମୋର ଜଣେ ବଡ ପ୍ରଶଂସକ।' ତେବେ ଏକଥା ସତ କି ମିଛ ତାହା କେବଳ ରୋହନ ନ ହେଲେ ଶ୍ରଦ୍ଧାଙ୍କୁ ହିଁ ଜଣା।



ଶ୍ରଦ୍ଧା

## ପ୍ରେମିକ ହେବ ଏମିତି

ସତରେ ପ୍ରେମିକ ହେବ ତ ବରୁଣ ଧାୱନଙ୍କ ପରି। ଦେଇଥିବା କଥା ରଖିବାକୁ ଜଣେ ପ୍ରେମିକ କ'ଣ କରିପାରେ ସେ ତାହା ଉଦାହରଣ ପାଲଟିଛନ୍ତି। ବିଦେଶରେ ନିଜର କେତୋଟି ଗୁରୁତ୍ୱପୂର୍ଣ୍ଣ କାମକୁ ସ୍ଥଗିତ ରଖି ସେ ବମ୍ବେ ଫେରିଥିଲେ। କ'ଣ ପାଇଁ ଜାଣନ୍ତି ? ନିଜ ପ୍ରେମିକା ନତାଶା ଦଲାଲଙ୍କ ଦ୍ୱାରା ଆୟୋଜିତ ଏକ ପାର୍ଟିରେ ଯୋଗ ଦେବାକୁ,ହେଲେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ବମ୍ବେ ଫେରୁଥିବା କଥାକୁ ନତାଶାଙ୍କୁ ଜଣାଇ ନ ଥିଲେ। ଯେତେ ପଚାରିଲେ କେବଳ ଉତ୍ତର ଦେଇଥିଲେ 'ଦେଖିବା'। ସେଦିନ ପାର୍ଟିରେ ଏଭଳି ସରପ୍ରାଇଜ ଆପିଏରେନ୍ସକୁ ନେଇ ବରୁଣ କହନ୍ତି, 'ଯେହେତୁ ପାର୍ଟିର କିଛି ସପ୍ତାହ ପୂର୍ବରୁ ନତାଶା ଏ ନେଇ ମୋତେ ଜଣାଇଥିଲେ ହେଲେ ମୁଁ ଏଥିରେ ଯୋଗ ଦେବି କି ନାହିଁ ତାହା ଫାଇନାଲ କରି ନ ଥିଲି। ମାତ୍ର ୩-୪ଦିନ ପୂର୍ବରୁ କେତୋଟି ଗୁରୁତ୍ୱପୂର୍ଣ୍ଣ କାମକୁ ସ୍ଥଗିତ ରଖି ବମ୍ବେ ଫେରିବାକୁ ସ୍ଥିର କରିଥିଲି, ହେଲେ ସେତେବେଳେ ମଧ୍ୟ ନତାଶାଙ୍କୁ କିଛି ସୂଚନା ଦେଇ ନ ଥିଲି। କାରଣ ତାଙ୍କୁ ମୁଁ ସରପ୍ରାଇଜ ଦେବାକୁ ଚାହୁଁଥିଲି।' ଯେତେବେଳେ ସେହି ପାର୍ଟିରେ ବରୁଣ ପହଞ୍ଚିଗଲେ ସେତେବେଳେ ନତାଶାଙ୍କ ଖୁସି ଦେଖେ କିଏ। ସେଠାର ଲେଟ୍ ନାଇଟ୍ ପର୍ଯ୍ୟନ୍ତ ରହି ବରୁଣ ପାର୍ଟିକୁ ଏଞ୍ଜୟ କରିଥିଲେ।



ବରୁଣ-ନତାଶା

## ସମ୍ମିତଙ୍କ କୃଷ୍ଣ ଅବତାର

ପ୍ରେମ ଶାଶ୍ୱତ, ଚିରନ୍ତନ। ହେଲେ ମଣିଷର ଭିନ୍ନ ଭିନ୍ନ ପ୍ରବୃତ୍ତି ଦ୍ୱାରା ପ୍ରେମ ପ୍ରଭାବିତ ହୋଇଥାଏ। ପୂରାଣ ପୃଷ୍ଠରେ ପ୍ରେମର ଜ୍ୱଳନ୍ତ ଉଦାହରଣ ଭାବରେ ରାଧା-କୃଷ୍ଣଙ୍କ ପ୍ରେମକୁ ଅନେକ ସମୟରେ ଉପସ୍ଥାପନା କରାଯାଏ। ସାମ୍ପ୍ରତିକ ସ୍ଥିତିରେ ଏକ ଭିନ୍ନ ଧରଣର ପ୍ରେମ କାହାଣୀର ଆଧାର ସାଜିଛନ୍ତି କୃଷ୍ଣ ଏବଂ ରାଧା। ପରିସ୍ଥିତିରେ ପଡି ରାଧା ଆତ୍ମହତ୍ୟା କରିବାକୁ ଯାଉଛି ଏବଂ ତାକୁ ପାଞ୍ଚ ଜଣ ସାଙ୍ଗ ଉଦ୍ଧାର କରୁଛନ୍ତି। ପୁଣି ସମୟକ୍ରମେ ସେମାନେ ରାଧାକୁ ପ୍ରେମ ନିବେଦନ କରିବାକୁ ପଛାଉ ନାହାନ୍ତି। ଏଭଳି ପରିସ୍ଥିତିରେ ଅସଲ ପ୍ରେମିକ କୃଷ୍ଣ କି ପ୍ରକାର ଭୂମିକା ତୁଲାଉଛି ଆଉ ତା' ପ୍ରେମର ମୁଣ୍ଡି ମାରିବାକୁ କ'ଣ କରୁଛି ତାହା ଦେଖିବାକୁ ମିଳିବ ଏହି ସିନେମାରେ, ଯାହାର ଶୀର୍ଷକ ରହିଛି 'ପ୍ରେମ ପାଇଁ ମହାଭାରତ'। ଏଥିରେ କୃଷ୍ଣ ଭୂମିକାରେ ସମ୍ମିତ ଏବଂ ରାଧା ଚରିତ୍ରରେ ରିୟା ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ ଚଳଚ୍ଚିତ୍ରର ଅନ୍ୟ ଚରିତ୍ରଗୁଡିକର ନାମକରଣ ପୂରାଣରୁ ଆନୀତ। ଆଚାର୍ଯ୍ୟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ନବାଗତ ପ୍ରଯୋଜକ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ ଏବଂ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ନିରଞ୍ଜନ ବେହେରା। ଅନ୍ୟପକ୍ଷରେ ମିହିର ଦାସ, ପ୍ରିୟଙ୍କା ମହାପାତ୍ର, ବିଜୁ ବଡ଼ଜେନା, ସମରେଶ ରାଉତରାୟ, ପିଣ୍ଟୁ ନନ୍ଦ, ହର ରଥ, ଶ୍ରୀତମ ଦାସ, ପପି ସନ୍ତୁକା, ରବି ମିଶ୍ର, ବ୍ରଜ ସିଂ, ଅରବିନ୍ଦ, ଦେବୁ ବ୍ରହ୍ମା ଆଦି କଳାକାର ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଛନ୍ତି।



ସମ୍ମିତ୍

## ପ୍ରାଚୀ ଯାହା ଖୋଜୁଥିଲେ

ପ୍ରାଚୀ ଦେଶାଇ ଯାହା ଖୋଜୁଥିଲେ ତାହା ମିଳିଯାଇଛି। ଅବଶ୍ୟ ଏଥିପାଇଁ ତାଙ୍କୁ ଦୁଇ ବର୍ଷ ଅପେକ୍ଷା କରିବାକୁ ପଡିଲା, ହେଲେ ସେନେଇ ମନଦୁଃଖ କରୁନାହାନ୍ତି। କଥା କ'ଣ କି ହିନ୍ଦୀ ସିନେମା 'କୋସା'ରେ ତାଙ୍କୁ ମିଳିଛି ଏକ ଭିନ୍ନ ଭୂମିକା, ଯାହାର ସଫଳତାକୁ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି ପ୍ରାଚୀ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମରେ ମୁଁ ଏଭଳି ଏକ ଝିଅ ଭୂମିକାରେ ଅଭିନୟ କରିଛି ଯିଏ କୌଣସି ନିଷ୍ପତ୍ତି ସହଜରେ ନେଇପାରୁନାହିଁ। ବିବ୍ରତ ମାନସିକତା ଭିତରେ ସେ ଘର ଛାଡି ଚାଲିଯାଇଛି। ପରିସ୍ଥିତିରେ ପଡି ସେ ଏଭଳି କେତୋଟି ଜିନିଷ ପାଇଁ ରାଜି ହେଉଛି ଯାହା ପରବର୍ତ୍ତୀ ସମୟରେ ତା' ପାଇଁ କଣ୍ଟା ହୋଇ ଠିଆ ହୋଇଛି। ମୋଟ ଉପରେ କହିବାକୁ ଗଲେ ଏହି ଭୂମିକା ମୋତେ ବେଶ୍ ପ୍ରଭାବିତ କରିଛି ଏବଂ ଏହାକୁ ମୁଁ ମୋର ଡ୍ରିମ୍ ରୋଲ୍ ବୋଲି କହିବି।' ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅମନ ଅଦ୍ୱୈତ ଏବଂ ପ୍ରଯୋଜନା କରିଛନ୍ତି ପରଲୋକଗତ ପ୍ରଯୋଜକ-କମ୍-ନିର୍ଦ୍ଦେଶକ ରାଜ କନୱରଙ୍କ ପୁତ୍ର ଅଭୟ।



ପ୍ରାଚୀ

ପ୍ରଥମ ରୋଜଗାର

# ପ୍ରଥମ ଦରମା ଭୋଜିଭାତରେ ସରିଥିଲା



କବି, ଗୀତିକାର, ସ୍ୱର ସଂଯୋଜକ ଦିବ୍ୟରଞ୍ଜନ ପ୍ରସାଦ ନନ୍ଦ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପୁରୀ ଜିଲା ବଳଙ୍ଗା ନିକଟସ୍ଥ ଷଣ୍ଢଗୋରଡ଼ା ଗାଁରେ ମୋର ଜନ୍ମ। ବୋଉ ସ୍ୱାସ୍ଥ୍ୟ ପରିଦର୍ଶିକା ଭାବେ କାମ କରୁଥିବାରୁ ତାଙ୍କର ବିଭିନ୍ନ ସ୍ଥାନକୁ ବଦଳି ହେଉଥିଲା। ତେଣୁ ମୋ ପାଠପଢ଼ା ବି ବିଭିନ୍ନ ସ୍କୁଲରେ ହୋଇଛି। ତେବେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଡାଲତୋଳା ଉଚ୍ଚ ବିଦ୍ୟାଳୟରୁ ୧୯୮୬ରେ ମାଟ୍ରିକ୍ ପାସ୍ କରି ବେଗୁନିଆ କଲେଜରେ ଆଇ.ଏସ୍‌ସି ପଢ଼ିଥିଲି। ତା'ପରେ ପ୍ରାଣନାଥ କଲେଜରେ ବଟ୍‌ନି (ଉଦ୍ଭିଦ ବିଜ୍ଞାନ) ଅନର୍ସରେ ବି.ଏସ୍‌ସି କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍‌ସି କଲି। ପଢ଼ା ସରୁସରୁ ପୁରୀ, ଗଡ଼ଚାନ୍ଦପୁରସ୍ଥିତ ଲୋକନାଥଦେବ ବିଦ୍ୟାପୀଠରେ ବେସରକାରୀ ବିଜ୍ଞାନ ଶିକ୍ଷକ ଭାବେ ବିନା ପାରିଶ୍ରମିକରେ ଦୁଇବର୍ଷ ଶିକ୍ଷକତା କଲି। ତା'ପରେ ବଳଙ୍ଗା କଲେଜରେ ଉଦ୍ଭିଦ ବିଜ୍ଞାନ ବିଭାଗରେ ନିଯୁକ୍ତି ପାଇଲି। ସେତେବେଳେ ଏ ଚାକିରି ବି ଥିଲା ବେସରକାରୀ। ଦରମା ମାସକୁ ୬୪୦ ଟଙ୍କା ମିଳୁଥିଲା। ବାପାବୋଉ ରୋଜଗାରକ୍ଷମ ହୋଇଥିବାରୁ ଘରେ ମୋ ଟଙ୍କାର କୌଣସି ଆବଶ୍ୟକତା ନ ଥିଲା। ତେଣୁ ପ୍ରଥମ ମାସ ଦରମା ଘରଲୋକ ଏବଂ ସାଙ୍ଗସାଥୀଙ୍କ ସହ ଭୋଜିକରି ଖର୍ଚ୍ଚ କରିଥିଲି। ଏବେ ବି ମୁଁ ସେହି ବଳଙ୍ଗା କଲେଜରେ କାର୍ଯ୍ୟରତ ଆଉ ମୋ ଚାକିରି ମଧ୍ୟ ରେଗୁଲାର ହୋଇସାରିଲାଣି। ଏହାବାଦ୍ କଳା ପ୍ରତି ମଧ୍ୟ ମୋର ଗଭୀର ଶ୍ରଦ୍ଧା ରହିଛି। କଲେଜ ପଢାବେଳେ କବିତା ଲେଖୁଥିଲି। ଖାସ୍ କରି କ୍ଷୁଦ୍ର କବିତା ଲେଖିବା ଥିଲା ମୋର ପ୍ରିୟ। କିନ୍ତୁ ତାହାକୁ ପ୍ରକାଶ କରିବାକୁ ସାହସକରି ପାରୁ ନ ଥିଲି। ବଳଙ୍ଗା କଲେଜରେ ଚାକିରି କଲାବେଳେ ଷ୍ଟାଫ୍‌ମାନେ ମୋର କବିତା ପ୍ରୀତି କଥା ଜାଣିଲେ। ସେମାନେ ହିଁ ମୋତେ କଲେଜ ମାଗାଜିନ୍‌ରେ କବିତା ପ୍ରକାଶ କରିବାକୁ ବାଧ୍ୟ କରାଇଥିଲେ। ମାଗାଜିନ୍‌ରେ ପ୍ରକାଶିତ କବିତାଟି ସମସ୍ତଙ୍କୁ ପସନ୍ଦ ଆସିବା ପରେ କ୍ରମେ ଭାର୍ଗବୀ ସାହିତ୍ୟ ସଂସଦ ତରଫରୁ ମୋର ଅନେକ କବିତା ଆବୃତ୍ତି କରାଗଲା। ଏବେ ଏହି ସାହିତ୍ୟ ସଂସଦର ମୁଁ ଜଣେ ସଦସ୍ୟ। କବିତା ସହିତ କ୍ରମେ ଭଜନ, ଆଧୁନିକ ତଥା ସମ୍ବଲପୁରୀ ଗୀତ ଲେଖିଲି। ପରେ ମୋ ଗୀତକୁ ନେଇ ସିଡୀ କରିବାର ଯୋଜନା ହେଲା। 'ସେଇ ଗଉଡ଼ ଟୋକା' ସିଡୀରେ ମୋର ଦୁଇଟି ଗୀତ 'ମେଘ ବରଷିଲେ ଗୋପ ଗାଁରେ...', 'ନଡ଼ିଆ ଗୋଟମା ଖଡିକାରେ ଗୁନ୍ଥି କରିଛି ମୁଁ ସୁନାରଥ...' ସ୍ଥାନ ପାଇଲା। ଏହା ପରେ ନିଜ ପ୍ରଯୋଜନାରେ 'ଭାବପଞ୍ଜୁରୀ' ନାମକ ଏକ ସିଡୀ କଲି। ଯେଉଁଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବିପିନ ବାରିକ୍। ଏହି ସିଡୀରେ ଥିବା ମୋର ୮ଟି ଗୀତ ମଧ୍ୟରୁ 'ହେ ମଣିମା ମୁଁ ତୁମର ସେହି ଗରିବ ସୁଦାମା...', 'ଫେରେଇ ଦେଲ ସିଂହଦୁଆରୁ...', 'ତୋ ନନ୍ଦିଘୋଷ ରଥ ପରି...' ଇତ୍ୟାଦି ଗୀତ ଶ୍ରୋତାଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ତା'ପରେ 'ଭକ୍ତି ଗଙ୍ଗା' ନାମକ ଆଉ ଏକ ସିଡୀ କଲି, ଯେଉଁଥିରେ ସ୍ଥାନ ପାଇଥିବା ୧୦ ଗୀତକୁ ନିଜେ ଲେଖିବା ସହ ସ୍ୱର ସଂଯୋଜନା ବି କରିଥିଲି। ଏହି ଗୀତଗୁଡ଼ିକ ବି ଶ୍ରୋତାଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏବେ ତ ଆଉ ସିଡୀର ଡିମାଣ୍ଡ ନାହିଁ। ଲୋକେ ୟୁଟ୍ୟୁବ୍ ଚ୍ୟାନେଲକୁ ପସନ୍ଦ କରୁଛନ୍ତି। ତେଣୁ ୟା'ଭିତରେ ମୋର ପ୍ରାୟ ୩୦/୪୦ଟି ଗୀତ (ଉଭୟ ଭଜନ ଓ ଆଧୁନିକ)ବିଭିନ୍ନ ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ ହୋଇସାରିଲାଣି। ତା'ସହିତ ଏଇ ନିକଟରେ ମୁଁ ବୋଉବାପାଙ୍କ ନାମ(ସତ୍ୟଭାମା–ନିରଞ୍ଜନ)କୁ ମିଶାଇ ସତ୍ୟନିରଞ୍ଜନ ମ୍ୟୁଜିକ୍ ନାମରେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଛି ; ଯେଉଁଥିରେ ବୋଉବାପାଙ୍କୁ ନେଇ ଲେଖିଥିବା ଏକ ଗୀତ 'ମଣିଷ ତୁ କେତେ ବଦଳି ଗଲୁ, ଘରର ଦିଅଁଙ୍କୁ ଘରୁ ତଡିଲୁ..' ଏବଂ କେତୋଟି ଭଜନ 'ତୋ ନନ୍ଦିଘୋଷ ରଥ ପରି..','ମୋତେ ଶରଧା ବାଲିରୁ ଦବୁକି ମୁଠେ..','ଫେରେଇ ଦେଲ ସିଂହଦୁଆରୁ..'ଇତ୍ୟାଦି ଗୀତ ଅପ୍‌ଲୋଡ୍ ହୋଇସାରିଲାଣି। ଏହା ସହିତ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଆଧୁନିକ ଗୀତ, ୪୦୦ରୁ ଉର୍ଦ୍ଧ୍ୱ ଭଜନ ତଥା ଅନେକ ସମ୍ବଲପୁରୀ ଗୀତ ମଧ୍ୟ ଲେଖିକି ରଖିଛି। ସୁଯୋଗ ମିଳିଲେ ଏହାକୁ ରିଲିଜ୍ କରିବାକୁ ଚେଷ୍ଟା କରିବି। ତା'ସଙ୍ଗେସଙ୍ଗେ କ୍ଷୁଦ୍ର କବିତା ଲେଖା ବି ମୋର ଜାରି ରହିଛି।

ସାଥୀ

# ପ୍ରେମିକା ନୁହେଁ ସେ ପୁନେଇ ଜହ୍ନ, ନିମିଷକେ କିଣି ନେଇଛି ମନ

**ପ୍ରଶ୍ନ–** ଜଣେ ସୁନ୍ଦରୀ ମୋ ମନକୁ କେମିତି ଚୋରି କରି ନେଲା ତାହା ଜାଣିପାରୁନାହିଁ। ତା' ସହ ପ୍ରେମ ରାସ୍ତାରେ ଆଗେଇବା ଠିକ୍ ହେବ କି ?

*–ତାପସ କୁମାର, ବଡବିଲ, କେନ୍ଦୁଝର*

**ଉତ୍ତର:** 'ପ୍ରେମିକା ନୁହେଁ ସେ ପୁନେଇ ଜହ୍ନ, ନିମିଷକେ କିଣି ନେଇଛି ମନ।' ଯଦି ସେପଟୁ ଗ୍ରୀନ ସିଗନାଲ ମିଳିଛି ତେବେ ପଛକୁ ଚାହିଁବାର କୌଣସି କାରଣ ନାହିଁ। ବେଳ କାଳ ଦେଖି ପ୍ରେମ ଜର୍ଣ୍ଣି ଆରମ୍ଭ କରିଦିଅନ୍ତୁ। ସୁନ୍ଦରୀ ଝିଅଟି କେମିତି ଆପଣଙ୍କ ମନ ଚୋରି କରିନେଲା ଜାଣିପାରିଲେ ନାହିଁ। ଯଦି ଏବେ ଜାଣିଲେ ତେବେ ବିଳମ୍ବ ନ କରିବା ଭଲ। ତେଣୁ ଶୁଭସ୍ୟ ଶୀଘ୍ରମ।

**ପ୍ରଶ୍ନ–** ପ୍ରେମରେ ଏମିତି କି ଗୁଣ ରହିଛି ଯେ ପ୍ରେମିକା–ପ୍ରେମିକ ସେଥିରେ ବିଭୋର ହୋଇ ନିଜର ଆତ୍ମୀୟ ସ୍ୱଜନଙ୍କୁ ଭୁଲି ଯାଆନ୍ତି ?

*–ବିଜୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର:** ପ୍ରେମର ମଦିରା ଥରେ ପାନ କଲେ ତାହାର ନିଶା ସହଜରେ ଖସେ ନାହିଁ। ହେଲେ ସେହି ନିଶାରେ ବିଭୋର ହୋଇ ବାଟ ବଣା ଯେମିତି ନ ହୁଅନ୍ତି ସେଥିପ୍ରତି ନଜର ରଖନ୍ତୁ। କେତେକ ପ୍ରେମରେ ଏମିତି ପାଗଳ ହୋଇଯାଆନ୍ତି ନିଜ ଲୋକଙ୍କୁ ପର ଭାବି ଭୁଲି ଯାଆନ୍ତି। ହେଲେ ଏହା ଆଦୌ ସମୀଚିନ ନୁହେଁ। ଯେଉଁମାନେ ଏଭଳି ମାନସିକତାରୁ ଓହରି ନ ଥାନ୍ତି ଅଧାବାଟରେ ଝୁଣ୍ଟିବାର ଆଶଙ୍କା ରହିଛି। ପ୍ରେମ ରାସ୍ତାରେ ଯଦି ଚାରିପଟୁ ବାଲାନ୍ସ କରି ଚାଲିଲେ ତେବେ ସେଥିରୁ ସୁଫଳ ମିଳିବା ଆଶା ଅନେକ ଥାଏ।

**ପ୍ରଶ୍ନ–** ଜଣେ ସଫଳ ପୁରୁଷ ପଛରେ ଜଣେ ନାରୀର ହାତ ଥାଏ। ଠିକ୍ ସେମିତି ଜଣେ ସଫଳ ନାରୀ ପଛରେ କେତେ ସଫଳ ପୁରୁଷଙ୍କ ହାତ ଥାଏ କହିବେ କି ସାଥୀ ?

*–ଟୁଲୁ ଜେନା, ନାୟକସାହି, ରାଜକନିକା, କେନ୍ଦ୍ରାପଡା*

**ଉତ୍ତର:** ନାରୀ–ପୁରୁଷ ପରସ୍ପରର ପରିପୂରକ। ଉଭୟଙ୍କ ସଫଳତା ପଛରେ ଦୁହିଁଙ୍କର ଯଦି ହାତ ରହିଲା ତେବେ କ୍ଷତି କ'ଣ ? ହେଲେ ଏହି ସମୟରେ ନିଜର ମାନସିକତା ସକାରାତ୍ମକ ରହିବା ଆବଶ୍ୟକ ଏବଂ ତାହା ପଛରେ କୌଣସି ସ୍ୱାର୍ଥ ରହିବା ଅନୁଚିତ।

**ପ୍ରଶ୍ନ–** ପ୍ରେମ କଲେ ଭାରି ମଜା ଲାଗେ। ହେଲେ ଏଥିରେ ବିଫଳ ହେଲେ ସେ ଯନ୍ତ୍ରଣାକୁ ଭୁଲିବା କଷ୍ଟକର। ଏମିତି କାହିଁକି ହୁଏ ?

*–ସରୋଜ ନାୟକ, ରାଉରକେଲା*

**ଉତ୍ତର:** ପ୍ରେମରେ ଯଦି ବିଫଳ ହେଉଛନ୍ତି ତେବେ ତାହା ପଛରେ ସେମିତି କିଛି କାରଣ ରହିଛି। ଦୁର୍ବଳ ସମ୍ପର୍କ, ଅବିଶ୍ୱାସ, ପରକଥାକୁ ଭଲ ଭାବରେ ନ ପରଖି ବିଶ୍ୱାସ କରିବା ଆଦି ଏହାର କାରଣ ହୋଇଥାଏ। ହେଲେ ପ୍ରେମର ଅସଲ ଗଣିତକୁ ଯିଏ ଠିକ ଭାବରେ ସମାଧାନ କରିପାରିଲା ସେ ହିଁ ଏଥିରେ ବିଜୟ ମୁକୁଟ ପିନ୍ଧିଥାଏ। ବାକି ରହିଲା ପ୍ରେମରେ ବିଫଳ ହେଲେ ତାହାର ଯନ୍ତ୍ରଣା କଥା। ଏହାର ପ୍ରଭାବ ବିଫଳ ପ୍ରେମୀଯୁଗଳଙ୍କୁ ଏପରି ଦୁନିଆକୁ ନେଇଯାଏ ଯେଉଁଠି ମନରେ କେବଳ ନକାରାତ୍ମକ ଚିନ୍ତାଧାରା ଉଦ୍ରେକ ହୋଇଥାଏ। ତେଣୁ ପ୍ରେମରେ ଯଦି ବିଫଳ ହୋଇଛନ୍ତି ତେବେ ତାହାକୁ ଯେତେ ଜଲଦି ଭୁଲିଯିବାକୁ ଚେଷ୍ଟା କରନ୍ତୁ। ନ ହେଲେ ସାରା ଜୀବନ ସେହି ନିଆଁରେ ସେମିତି ନିଜ ଲୁହ ନିଜେ ପିଇ ଜଳୁଥିବେ।





ଦିନେ ନୁହେଁ କି ଦୁଇଦିନ ନୁହେଁ ଦୀର୍ଘ ୧୨ବର୍ଷ ଧରି ବିଭିନ୍ନ ଗାଁର ପୁରପଲ୍ଲୀରେ ସେ ଘୂରି ବୁଲିଛନ୍ତି ଏବଂ ପାରମ୍ପରିକ ସମରକଳାକୁ ବଞ୍ଚେଇ ରଖିବା ନିମନ୍ତେ ସେ ପାଲଟିଯାଇଛନ୍ତି ଜଣେ ନିଆରା ସେନାପତି । ସେ ହେଲେ ସୁବାସ ଚନ୍ଦ୍ର ଜେନା...

# ପାଇକ ଚିନ୍ତାରେ ସୁବାସ

ଓଡ଼ିଆ ପାଇକମାନେ ଦେଶ ସ୍ୱାଧୀନ ପାଇଁ ବ୍ରିଟିଶ ବିରୋଧରେ ବିଦ୍ରୋହ କରିଥିଲେ । ଇତିହାସ ପୃଷ୍ଠାରେ ପାଇକ ବିଦ୍ରୋହର ଅନେକ ଘଟଣା ବର୍ଣ୍ଣନା ହୋଇଛି କିନ୍ତୁ ଦେଶ ସ୍ୱାଧୀନତା ପରେ କିପରି ଅଛନ୍ତି ପାଇକ ଦାୟାଦ । କେମିତି ରହିଛି ପାଇକ ଆଖଡ଼ା ଶାଳ। ଏହା ଜାଣିବା ପାଇଁ ଦିନେ ନୁହେଁ କି ଦୁଇଦିନ ନୁହେଁ ଦୀର୍ଘ ୧୨ବର୍ଷ ଧରି ବିଭିନ୍ନ ଗାଁର ପୁରପଲ୍ଲୀରେ ସେ ଘୂରି ବୁଲିଛନ୍ତି ଏବଂ ଏହି ପାରମ୍ପରିକ ସମରକଳାକୁ ବଞ୍ଚେଇ ରଖିବା ନିମନ୍ତେ ସେ ପାଲଟିଯାଇଛନ୍ତି ଜଣେ ନିଆରା ସେନାପତି । ସେ ହେଲେ ସୁବାସ ଚନ୍ଦ୍ର ଜେନା। ବୟସ ପ୍ରାୟ ୫୦ ଟପିଲାଣି । ଗୌରବର୍ଣ୍ଣ,ପତଳା ଶରୀର,ପ୍ରାୟ ୬ଫୁଟ ଉଚ୍ଚତାର ମଣିଷଟିଏ। ସର୍ବଦା ହସହସ ମୁହଁ। ପିତାଙ୍କ ନାମ ଚନ୍ଦ୍ରମଣି ଜେନା। ମା, ସଛି ଦେଈ। ଘର ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଖାଡ଼ ଗ୍ରାମପଞ୍ଚାୟତର କୁରୁପାଳ ଗାଁରେ । ।ସୁବାସ କୁହନ୍ତି, ୧୦ବର୍ଷ ବୟସରୁ ସାଙ୍ଗମାନଙ୍କ ସହିତ ଗାଁରେ ପାଇକ ଆଖଡ଼ା ଖେଳିଛି । ବାପା ବି ଥିଲେ ଜଣେ ପାଇକ ଗୁରୁ । ଗାଁରେ ବିଭିନ୍ନ ସମୟରେ ସାମାଜିକ, ଆଧ୍ୟାତ୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଜନସଚେତନତା କରିଥାଉ। ଏଥିପାଇଁ ଅନେକ ସ୍ଥାନକୁ ଯାଉଥିବାରୁ ମୋତେ ଖୁସି ଲାଗେ। ପରିବାରର ଆର୍ଥିକ ସ୍ଥିତ ସ୍ୱଚ୍ଛଳ ନ ଥିଲେ ମଧ୍ୟ ଅନେକ ସମୟରେ ପରିବାରର ସୁଖଦୁଃଖକୁ ଭୁଲିଯାଇ କେବଳ ପାଇକ ଆଖଡ଼ା କଥା ଚିନ୍ତା କରିଥାଏ। ଗାଁରେ ସୁପ୍ତଥିବା ପାଇକ ଆଖଡ଼ାଶାଳ ଓ ଯୁବକଙ୍କ ମନରେ କିପରି ପାଇକପ୍ରୀତି ଜାଗ୍ରତ ହେବ ସେଥିପାଇଁ ଉଦ୍ୟମ ଜାରି ରଖିଛି । କେଉଁଠି ସଭା ତ କେଉଁଠି ଉତ୍ସବ। ପୁଣି କେଉଁଠି ସମରକଳା ପ୍ରତିଯୋଗିତା। ଏହି କଳାର ପୁନରୁଦ୍ଧାର ଓ ବଞ୍ଚେଇବା ପାଇଁ ସମାଜର ବିଭିନ୍ନ ଉଚ୍ଚ ପଦାଧିକାରୀଙ୍କ ସୁପରାମର୍ଶ ଗ୍ରହଣକରି ଆଗକୁ ଆଗ ମାଡ଼ି ଚାଲିଛି। ବହୁ ଘାତ ପ୍ରତିଘାତ ସତ୍ତ୍ୱେ ଭାଙ୍ଗିପଡ଼ି ନାହିଁ ବରଂ ପାଇକମାନଙ୍କୁ ଏକଜୁଟ କରିବାରେ ନିଜକୁ ହଜେଇଦେଇଛି । ପୁରୀ ଜିଲା ପାଇକ ସଂଗଠନ, କୃଷ୍ଣପ୍ରସାଦ ଶ୍ରୀଶ୍ରୀ ଆଖଣ୍ଡଳେଶ୍ୱର ଦେବ ପାଇକ ଆଖଡ଼ା ସଂଘ ଗଠନ ହୋଇଛି। ସାରା ଓଡ଼ିଶାରେ ପାଇକ ଆଖଡ଼ା ଦଳକୁ ଏକାଠି କରିବା ପ୍ରୟାସ ଜାରିରଖି ଏବେ ବି ଘୂରିବୁଲୁଛି ଗାଁ ଗାଁକୁ । ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲିବାରେ ଅନେକ ଅନୁଭୂତିକୁ



ପୁଞ୍ଜିକରି ମନରେ ଅଦମ୍ୟ ସାହସ ଭରିଛି। ମାତ୍ର ଦିନଥିଲା ଯେଉଁ ଗାଁରେ ପାଇକ ଆଖଡ଼ା ଥିଲା ସେଠାକୁ ବାହ୍ୟଶତ୍ରୁ ଯିବାକୁ ସାହସ କରିପାରୁ ନ ଥିଲା। ଏ କଥା ସତ ଯେ ଆଗଭଳି ଆଉ ଗାଁରେ ଦେଖିବାକୁ ମିଳୁନାହିଁ ପାରମ୍ପରିକ ପାଇକ ଆଖଡ଼ା। ୨୦୦୮ମସିହା ଠାରୁ ପାଇକ ଆଖଡ଼ା ପାଇଁ ସକ୍ରିୟ ଭାବେ କାର୍ଯ୍ୟକରିବାର ନିଷ୍ପତ୍ତି ନେଇ ଆମ ଅଞ୍ଚଳର ପାଇକ ଗୁରୁମାନଙ୍କୁ ଏକଜୁଟ କରିଥିଲି। କେବଳ ଦୃଢ଼ମନୋବଳ ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଦୀର୍ଘ ୧୨ବର୍ଷଧରି ପାଇକ ସଂସ୍କୃତି ପାଇଁ କାର୍ଯ୍ୟ କରି ଚାଲିଛି। ବିଭିନ୍ନ ଗାଁର ପାଇକ ସଙ୍ଗଠକ,ପାଇକଗୁରୁ,ଦଳପତି ଓ ପାଇକ ଖେଳାଳିମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ସାଙ୍ଗଠନିକ ବୈଠକ କରାଯାଉଛି। ଚିଲିକା ଅଞ୍ଚଳର ପ୍ରାୟ ୩୦ଟି ପାଇକଦଳଙ୍କ ନେତୃତ୍ୱ ନେଇ ଭୁବନେଶ୍ୱରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁପରିଚାଳନା କରିଥିଲି। ଏହାପରେ ଖୋର୍ଦ୍ଧାର ସୋରଣଠାରେ ମଧ୍ୟ ୫୦ଟି ପାଇକ ଆଖଡ଼ା ଦଳର ନେତୃତ୍ୱ ନେଇଥିଲି। ଭୁବନେଶ୍ୱରଠାରେ ପ୍ରତିବର୍ଷ ଆୟୋଜିତ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ ବେଳେ ପାଇକମାନଙ୍କୁ ସାମିଲ କରିବା ପାଇଁ ପାଇକ ସଙ୍ଗଠକ ଭାବେ ମୋତେ ନିମନ୍ତ୍ରଣ କରନ୍ତି । ଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ପାଇକ ବିଦ୍ରୋହର ୨ଶହବର୍ଷ ପୂର୍ତ୍ତି ଉତ୍ସବରେ ସାମିଲହୋଇ ୩୦ଜଣ ପାଇକଗୁରୁଙ୍କୁ ନେଇଥିଲି। ବଳଙ୍ଗା,ରେବଣାନୂଆଗାଁ,ବାଣପୁର ଆଦି ସ୍ଥାନରେ ପାଇକ ବିଦ୍ରୋହ ସମ୍ପର୍କରେ ଆଲୋଚନାଚକ୍ର କରିଥିଲୁ । ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ, ନିମାପଡ଼ା, ବ୍ରହ୍ମଗିରି, ଖୋର୍ଦ୍ଧାଠାରେ ଆୟୋଜିତ ପାଇକଆଖଡ଼ା ପ୍ରଦର୍ଶନରେ ପାଇକ ଆଖଡ଼ାଦଳଙ୍କ ସାଙ୍ଗଠନିକ କାର୍ଯ୍ୟ ତୁଲାଇଛି। ଏଥିପାଇଁ ବହୁ ସଂସ୍ଥାରୁ ପୁରସ୍କାର ମିଳିଛି। ଓଡ଼ିଶାର ଏହି ପାରମ୍ପରିକ ସମରକଳାର ପ୍ରସାର ପ୍ରଚାର ପାଇଁ ଉଦ୍ୟମ ଜାରି ରଖିଛୁ। ଏଯାଏ ପ୍ରାୟ ୧୧୨ଟି ପାଇକଆଖଡ଼ା ଦଳଙ୍କୁ ନେଇ ଏକ ସଙ୍ଗଠନ ଗଢ଼ିଛୁ। ଯାହାକି ପାଇକ ଆଖଡ଼ା ପାଇଁ ପରିଚୟ ମିଳିଛି। ଚଳିତବର୍ଷ ପାଇକ ବିଦ୍ରୋହର ଦୁଇଶହବର୍ଷ ପୂର୍ତ୍ତି ପାଳନ ପାଇଁ ସରକାରୀ ସ୍ତରରେ ମୋଟା ଅଙ୍କର ବ୍ୟୟବରାଦ କାର୍ଯ୍ୟ ସରିଛି ଏବଂ ଅନେକ ଯୋଜନା ବି ଚାଲିଛି। କିନ୍ତୁ ପାଇକମାନଙ୍କ ଦୁଃଖ ଏଯାଏ ଘୁଞ୍ଚି ପାରିନାହିଁ । ଦିଲ୍ଲୀରେ ପାଇକ ଶହୀଦମାନଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇପାରି ନାହିଁ



କି ଓଡ଼ିଶାର ସମସ୍ତ ପାଇକ ସଂଗ୍ରାମୀଙ୍କ ଜନ୍ମଭୂମିରେ ସେହି ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିଟିଏ ହୋଇପାରିନାହିଁ। ପାଇକ ବିଦ୍ରୋହ ସମ୍ପର୍କରେ ଅନେକ ସଂଗ୍ରାମୀଙ୍କ କଥା ଲୋକଲୋଚନକୁ ଆସିପାରିନାହିଁ । ବହୁ ବରିଷ୍ଠ ପାଇକଗୁରୁମାନଙ୍କୁ ସରକାରୀ ଭତ୍ତାଟିଏ ମିଳିପାରି ନାହିଁ। ଓଡ଼ିଶାର ପ୍ରଥମ ବାଳିକା ପାଇକଆଖଡ଼ା ଦଳଙ୍କୁ ମଧ୍ୟ କୌଣସି ପ୍ରୋତ୍ସାହନ ମିଳିପାରିନାହିଁ। ସ୍କୁଲ କଲେଜ ପାଠ୍ୟଖସଡ଼ାରେ ପାଇକଆଖଡ଼ା ସମରକଳାକୁ ଯୋଡ଼ାଯାଇ ପାରିନାହିଁ। ଏହି କଳା ବଞ୍ଚିବା ପାଇଁ ଓଡ଼ିଆ ପାଇକମାନଙ୍କ ସ୍ୱର ଏକ ହେଉ।

**–ବନବିହାରୀ ବେହେରା**

# ଲମ୍ବା ଚୁସ୍କି



ଚୁସ୍କିର ସ୍ୱାଦ ଯିଏ ଥରେ ଚାଖିଛି, ସେ ହିଁ ଜାଣିଛି ଏହା କେତେ ଟେଷ୍ଟି। ଖାସ୍ କରି ଏହାର ଡିମାଣ୍ଡ ଜାପାନରେ ଅଧିକ ରହିଛି। ଖରାଦିନ ହେଲେ ସ୍ଥାନୀୟ ଲୋକେ ଏହାକୁ ଖାଇବା ପାଇଁ ଚୁସ୍କି ଷ୍ଟଲ୍ ଆଗରେ ଲମ୍ବା ଲାଇନ୍ ଲଗାଇ ଦିଅନ୍ତି। ତେବେ ଏଠାରେ ଥିବା ହ୍ୟାକୁସୋ ଉଡୋନ୍ ନାମକ ଏକ ରେଷ୍ଟୁରାଣ୍ଟରେ ବିକ୍ରି ହେଉଥିବା ଚୁସ୍କିର କଥା ହିଁ କିଛି ନିଆରା। କାରଣ ଏଠାରେ ଯେଉଁ ଚୁସ୍କି ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷା ଯାଏ ତା'ର ଉଚ୍ଚତା ପ୍ରାୟ ୨୫ ଇଞ୍ଚ ହୋଇଥାଏ, ଯାହା ସାଧାରଣ ଚୁସ୍କିଠାରୁ ବହୁତ ଲମ୍ବା ଦେଖାଯାଏ। ଫଳରେ ଏହାକୁ ଚେୟାର୍‌ରେ ବସି ଖାଇବା ସମ୍ଭବ ହୁଏ ନାହିଁ। ସେଥିପାଇଁ ତ ଏଠାକୁ ଆସୁଥିବା ଗ୍ରାହକ ଏହାକୁ ଟେବୁଲ୍ ଉପରେ ଥୋଇ ଠିଆ ହୋଇ ଖାଇବାକୁ ପସନ୍ଦ କରିଥାନ୍ତି। ତା'ଛଡ଼ା ଏହି ରେଷ୍ଟୁରାଣ୍ଟରେ ବିଭିନ୍ନ ରଙ୍ଗର ଚୁସ୍କି ପ୍ରସ୍ତୁତ କରାଯାଉଥିଲେ ହେଁ ଖାସ୍ କରି ରେନ୍‌ବୋ ଚୁସ୍କିର ସ୍ୱାଦ ନେବାକୁ ଗ୍ରାହକ ଏଠାକୁ ଧାଇଁ ଆସିଥାନ୍ତି। ତେବେ ହ୍ୟାକୁସୋ ଉଡୋନ୍ ପ୍ରକୃତରେ ଏକ ନୁଡୁଲ୍ ପଏଣ୍ଟ। ବର୍ଷସାରା ଗ୍ରାହକଙ୍କୁ ସ୍ୱାଦିଷ୍ଟ ନୁଡୁଲ୍ ପରଷିବାରେ ଏହା ଭଲ ନାଁ କମାଇଥାଏ। କିନ୍ତୁ ଖରାଦିନ ଆସିଲେ ଏହା ନୁଡୁଲ୍ ଅପେକ୍ଷା ଚୁସ୍କି ବିକିବାକୁ ଅଧିକ ପ୍ରାଧାନ୍ୟ ଦେଇଥାଏ। ସେଥିପାଇଁ ଖରାଦିନେ ଏଠାରେ ବହୁତ ଗହଳି ପରିଲକ୍ଷିତ ହୋଇଥାଏ।



ସୌମ୍ୟଜିତ୍

# ହାଃ ହାଃ

## ଇଟା

ସ୍ତ୍ରୀ ସ୍ୱାମୀଙ୍କୁ– ହେ ଭଗବାନ, ତମ ମୁଣ୍ଡରୁ କ'ଣ ରକ୍ତ ବାହାରୁଛି। ଏମିତି କେମିତି ହେଲା ?

ସ୍ୱାମୀ– ମୋ ସାଙ୍ଗ ମୋ ମୁଣ୍ଡକୁ ଇଟାରେ ପିଟିଦେଲା।

ସ୍ତ୍ରୀ– ତମେ ବି ତାକୁ ମାରିଲନି। ତମ ହାତରେ କ'ଣ କିଛି ନ ଥିଲା ?

ସ୍ୱାମୀ– ଥିଲା। ମୋ ହାତରେ ତା' ସ୍ତ୍ରୀର ହାତ ଥିଲା।

## ପାସ୍

ସିଲା ମୁନିକୁ– ତୁ ପାସ୍ ହେଇଗଲୁ ?

ମୁନି–ହଁ, ମୋ ସହିତ ଆମର ପୂରା କ୍ଲାସ୍‌ର ପିଲା ବି ପାସ୍ ହୋଇଗଲେ। କିନ୍ତୁ ଆମ କ୍ଲାସ୍ ଟିଚର ଫେଲ୍ ହେଇଗଲେ।

ସିଲା– କେମିତି ?

ମୁନି–ସେ ତ ଏବେ ବି ସେଇ କ୍ଲାସ୍‌ରେ ପଢ଼ାଉଛନ୍ତି।

## ଫିଲ୍ମ

ସ୍ତ୍ରୀ– ସତ କୁହ, କାଲି ତମେ ଆମ ପଡ଼ୋଶିନୀ ସହ ଫିଲ୍ମ ଦେଖିବାକୁ ଯାଇଥିଲ ନା ?

ସ୍ୱାମୀ– କ'ଣ କରିବି କହୁନ। ତମେ ତ ଜାଣିଚ ଆଜିକାଲି ଫ୍ୟାମିଲି ସହ ବସି ଦେଖିବା ଭଳି ଫିଲ୍ମ ତିଆରି ହେଉନି। ସେଥିପାଇଁ ତାଙ୍କ ସହ ଗଲି।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।







# କୋରିଗାଢ଼ ଦୁର୍ଗ

ମହାରାଷ୍ଟ୍ର ଭାରତର ଏପରି ଏକ ରାଜ୍ୟ, ଯାହା ଐତିହାସିକ, ସାଂସ୍କୃତିକ ତଥା ପ୍ରାକୃତିକ ପରିବେଶ ଦୃଷ୍ଟିକୋଣରୁ ବେଶ୍ ସମୃଦ୍ଧ। ପର୍ଯ୍ୟଟନ କ୍ଷେତ୍ରରେ ବି ଏହାର ସ୍ଥାନ ସ୍ୱତନ୍ତ୍ର। ଏଠାରେ ପର୍ଯ୍ୟଟକ ଶୈଳନିବାସ, ନଦୀ, ଝରଣା, ପାହାଡ଼, ଘାଟି, ମହଲ, ପ୍ରାଚୀନ ମନ୍ଦିର ତଥା ଅନେକ ଦୁର୍ଗ ଇତ୍ୟାଦି ଦେଖିବାକୁ ପାଇପାରିବେ। ସେମିତି ଏକ ଲୋକପ୍ରିୟ ଦୁର୍ଗ ହେଉଛି କୋରିଗଡ଼ ଦୁର୍ଗ। ମହାରାଷ୍ଟ୍ରର ପୁଣେ ଜିଲାସ୍ଥିତ ଏକ ପ୍ରାଚୀନ ଦୁର୍ଗ ଭାବେ ଏହା ଜଣାଶୁଣା।

## ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ଦୁର୍ଗଟି ପୂର୍ବେ ଅନେକ ଶକ୍ତିଶାଳୀ ଶାସକଙ୍କ ଅଧୀନରେ ରହିଥିଲା। ତେଣୁ ଏହାର ନିର୍ମାଣ ସମୟକୁ ନେଇ ସେମିତି କିଛି ଠିକ୍ ତଥ୍ୟ ଆଜିଯାଏଁ ମିଳିପାରି ନାହିଁ। ତେବେ ସମୁଦ୍ର ପତ୍ତନଠାରୁ ପ୍ରାୟ ୩୦୨୮ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ଦୁର୍ଗଟି ପାହାଡ଼ ଉପରେ ନିର୍ମିତ ହୋଇଥିବାରୁ ଏହାକୁ ଏକ ଉଚ୍ଚତମ ପାହାଡି ଦୁର୍ଗ ଭାବେ ବି ଅନେକେ ଗଣନା କରିଥାନ୍ତି। ତା'ଛଡ଼ା ଟ୍ରେକିଂ ଓ ହାଇକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ଭାବେ ବିବେଚନା କରାଯାଏ।

## ଦୁର୍ଗର ଆକର୍ଷଣ

ଅନେକ ଐତିହାସିକ କୀର୍ତ୍ତିକୁ ସାଇତି ରଖିଥିବା ଏହି ଦୁର୍ଗ ମଧ୍ୟରେ କେତୋଟି ଛୋଟ ଛୋଟ ମନ୍ଦିର ତଥା ଛୋଟ ଜଳାଶୟ ଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ତା'ଛଡ଼ା ଏଠାକାର ପ୍ରାକୃତିକ ପରିବେଶ ବି ବେଶ୍ ଆକର୍ଷଣୀୟ। ଖାସ୍ ସେଇଥିପାଇଁ ଶାନ୍ତ ପରିବେଶରେ ଅବସ୍ଥିତ ଏହି ଦୁର୍ଗ ନିକଟକୁ ପ୍ରାୟତଃ ବହୁ ସଂଖ୍ୟାରେ ପ୍ରକୃତିପ୍ରେମୀ ଓ ଇତିହାସପ୍ରେମୀ ବୁଲି ଆସିଥାନ୍ତି। ଫଟୋଗ୍ରାଫି ପାଇଁ ବି ଏଠାରେ ଖୁବ୍ ସୁନ୍ଦର ସୁନ୍ଦର ଲୋକେସନ ମଧ୍ୟ ରହିଛି। ତା'ଛଡ଼ା ଦୁଃସାହସିକ କ୍ରୀଡ଼ାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ବି ଏହା ଏକ ବେଷ୍ଟ ଡେଷ୍ଟିନେଶନ କହିଲେ ମଧ୍ୟ ଭୁଲ୍ ହେବ ନାହିଁ। ଖାସ୍‌କରି ଟ୍ରେକିଂ, ହାଇକିଂ, ପାରାଗ୍ଲାଇଡିଂ ପାଇଁ ଏଠାରେ ଯଥେଷ୍ଟ ସୁବିଧା ରହିଛି।

## କେବେ ଯିବେ

ବର୍ଷ ସାରା ଏଠାକାର ଜଳବାୟୁ ବେଶ୍ ଅନୁକୂଳ ରହିଥାଏ। ତେଣୁ ଏଠାକୁ ପର୍ଯ୍ୟଟକ ବର୍ଷର ଯେକୌଣସି ସମୟରେ ବୁଲି ଆସିପାରିବେ। କିନ୍ତୁ ବର୍ଷାଦିନେ ଏହି ଦୁର୍ଗ ନିକଟକୁ ପହଞ୍ଚିବା ପାଇଁ ଯେଉଁ ପାହାଡି ରାସ୍ତା ରହିଛି, ତାହା ସ୍ଥାନେ ସ୍ଥାନେ ଖସଡା ହୋଇଯାଇଥାଏ। ତେଣୁ ବର୍ଷାଦିନେ ଏଠାକୁ ବୁଲିଯାଉଥିବା ପର୍ଯ୍ୟଟକ ଟିକେ ସତର୍କତା ଅବଲମ୍ବନ କରିବା ଜରୁରୀ। ତେବେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଏଠାକୁ ଯିବା ପାଇଁ ସେପ୍ଟେମ୍ବରରୁ ମାର୍ଚ୍ଚ ହେଉଛି ସବୁଠୁ ଉପଯୁକ୍ତ ସମୟ।

## କେମିତି ଯିବେ

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ଲୋନାଭ୍‌ଲା ହିଲ୍‌ଷ୍ଟେଶନଠାରୁ ଏହି ଦୁର୍ଗ ପ୍ରାୟ ୨୦ କି.ମି. ଦୂରରେ ଅବସ୍ଥିତ। ଲୋନାଭ୍‌ଲା ନିକଟରେ ପହଞ୍ଚିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ବ୍ୟବସ୍ଥା ରହିଛି। ନିଜ ସୁବିଧା ଅନୁସାରେ ଯେ କୌଣସି ମାର୍ଗରେ ଯାଇ ପ୍ରଥମେ ଲୋନାଭ୍‌ଲା ପହଞ୍ଚିଲା ପରେ, ସେଠାରୁ ଟ୍ୟାକ୍ସି ଭଡ଼ାକରି ଦୁର୍ଗଠାରୁ ପ୍ରାୟ ୧ କି.ମି. ଦୂରରେ ଥିବା ପେଠ୍ ସାହାପୁର ନାମକ ଗାଁ ପର୍ଯ୍ୟନ୍ତ ଯିବେ। ତା'ପରଠୁ ଚାଲି ଚାଲି ଦୁର୍ଗ ନିକଟକୁ ଯିବାକୁ ହୋଇଥାଏ। ଖରାଦିନେ ଅନେକ ଯାତ୍ରୀ ରାତି ସମୟରେ ମଧ୍ୟ ଏହି ଦୁର୍ଗକୁ ବୁଲିଯାଉଥିବା ନଜିର ରହିଛି।



# ବୃଦ୍ଧ ଦମ୍ପତିଙ୍କ ଟାଟୁଭରା ଶରୀର





ମେଲବର୍ନର ଏକ ବୃଦ୍ଧ ଦମ୍ପତି। ବୟସ ସେମାନଙ୍କର ୭୦ରୁ ଊର୍ଦ୍ଧ୍ୱ। ହେଲେ ମନ ଯୁବ ସୁଲଭ। ଯୁବପିଢ଼ିଙ୍କ ପରି ଟାଟୁର ନିଶା ସେମାନଙ୍କୁ ବି ଘାରିଛି। ତେଣୁ ଏଇ ବୟସରେ ସେମାନେ ନିଜ ଶରୀର ସାରା କରାଇଛନ୍ତି ଟାଟୁ। ଆଉ ସାମିଲ ହୋଇଛନ୍ତି ଗିନିଜ୍ ୱାର୍ଲଡ୍ ରେକର୍ଡରେ। ଏମାନେ ହେଉଛନ୍ତି ଚାର୍ଲୋଟ୍ ଗୁଟେନବର୍ଗ ଓ ଚ୍ୟାକ୍ ହେଲ୍‌ମେକ୍। ଦୁହିଁଙ୍କ ଶରୀରର ପ୍ରାୟ ୯୭.୫ ପ୍ରତିଶତ ଟାଟୁରେ ଭରି ରହିଛି। ୨୦୧୫ରେ ଚାର୍ଲୋଟ୍ ସର୍ବାଧିକ ଟାଟୁ କରିଥିବା ବୟସ୍କା ମହିଳାଭାବେ ଗିନିଜ୍ ୱାର୍ଲଡ ରେକର୍ଡସରେ ସ୍ଥାନ ପାଇଥିଲେ। ତାଙ୍କ ସ୍ୱାମୀ ଚ୍ୟାକ୍ ମଧ୍ୟ ସର୍ବାଧିକ ଟାଟୁ କରିଥିବା ବୟସ୍କ ବ୍ୟକ୍ତିଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଚାର୍ଲୋଟ୍‌ଙ୍କୁ ଛୋଟବେଳୁ ବଡି ଆର୍ଟ ବହୁତ ଭଲ ଲାଗୁଥିଲା। ହେଲେ ନିଜେ କେବେ କରାଇ ନ ଥିଲେ। ତେବେ ୨୦୦୬, ତାଙ୍କ ୫୦ତମ ଜନ୍ମଦିନରେ ସେ ନିଜ ଶରୀରରେ କରାଇଥିଲେ ପ୍ରଥମ ଟାଟୁ। ଆଉ ତାହା ଥିଲା ଏକ ପ୍ରଜାପତିର ଟାଟୁ। ଏହାପରଠାରୁ ସେ ଟାଟୁ କରାଇବା ଆରମ୍ଭ କଲେ। ତାଙ୍କର ଏହି କଷ୍ଟକର ଯାତ୍ରାରେ ତାଙ୍କ ସ୍ୱାମୀ ସବୁବେଳେ ପାଖରେ ଥିଲେ। ଏହି ଦମ୍ପତିଙ୍କ ନାମରେ ଆହୁରି ଦୁଇଟି ରେକର୍ଡ ବି ରହିଛି। ଶରୀରରେ ଅଧିକ ଖପୁରି(୩୭୬ଟି)ର ଟାଟୁ କରି ଚ୍ୟାକ୍ ରେକର୍ଡ କରିଥିବାବେଳେ ଚାର୍ଲୋଟ୍ ସର୍ବାଧିକ ପର ବା ପକ୍ଷୀର ଟାଟୁ(୨୧୬ଟି) କରି ରେକର୍ଡ କରିଛନ୍ତି।

## କାର୍ଟୁନ କର୍ନର





# ବିକ୍ରି ହେଉଛି ମୋବାଇଲ ନମ୍ବର

ଜାପାନ ଏମିତି ଏକ ରାଷ୍ଟ୍ର ଯେଉଁଠି ଅନେକ କିଛି ଘଟେ, ଯାହା ଆମ କଳ୍ପନାର ପରିସରକୁ ସୁଦ୍ଧା ଛୁଇଁ ନ ଥାଏ। ଆମର ଏଠାରେ ସେମିତି କୌଣସି ବ୍ୟବସ୍ଥା ନାହିଁ ଯେଉଁଠି ଆମେ ମୋବାଇଲ୍ ଶପ୍‌କୁ ଯିବା – ଗୋଟିଏ ଝିଅର ମୋବାଇଲ୍ ନମ୍ବର କିଣି ଆଣିବା। ବାସ୍, ସେଥିରେ ଆମେ ବାଲାନ୍ସ ପକେଇବା ଆଉ ସେହି ଝିଅ ସହିତ ମନଖୋଲା ଗପ କରିବା। ମାତ୍ର ଜାପାନରେ ହିଁ ସେମିତି ହୁଏ। ଝିଅଙ୍କ ନମ୍ବର ମୋବାଇଲ୍ ଶପ୍‌ରେ ବିକ୍ରିହୁଏ। ଆଉ ସେଠାରେ ଏହାର ଚାହିଦା ମଧ୍ୟ ଢେର ବେଶି। ଅବଶ୍ୟ ଏଥିପାଇଁ ସେମାନଙ୍କୁ ଅନେକ ଜାପାନୀୟ ଅର୍ଥରାଶି ବିନିଯୋଗ କରିବାକୁ ପଡ଼ିଥାଏ। ସେଠାରେ ଚାଟ୍ କରିବା, କଥା ହେବା ପାଇଁ ଭିନ୍ନ ଭିନ୍ନ କାଟାଗୋରୀର ନମ୍ବର ବିକ୍ରି ହୋଇଥାଏ। ତେବେ ସେହି ନମ୍ବରଗୁଡ଼ିକ ଆଦୌ ଫେକ୍



ନୁହେଁ। ସତସତିକା। ବାସ୍ତବ କଥା ହେଉଛି ଯେଉଁ ଝିଅମାନେ ଚାଟିଂକରି ବା କଥା ହୋଇ କିଛି ରୋଜଗାର କରିବାକୁ ଆଗ୍ରହୀ ସେମାନେ ସେମାନଙ୍କର ନମ୍ବରକୁ ଭଡ଼ାରେ ଲଗେଇ ଥାଆନ୍ତି। ଆଉ ଯେଉଁ ବ୍ୟାଚଲର ପୁଅ ଝିଅମାନଙ୍କ ସହ କଥା ହୋଇ ନିଜ ମନକୁ ଖୁସି କରିବାକୁ ଚାହିଁଥାନ୍ତି ସେମାନେ ତାହାକୁ ଖରିଦ କରିଥାନ୍ତି। ଏହା କୁଆଡ଼େ ଜାପାନରେ ଖୁବ୍ ଏକ ଭଲ ବ୍ୟବସାୟ।

# ସତ୍ୟଙ୍କ ମାୟା ସୁବାସ କରୁଛନ୍ତି ବାୟା

ଶୀର୍ଷକକୁ ନେଇ ଚିନ୍ତାରେ ପଡୁଛନ୍ତି କି? ଜମାରୁ ଚିନ୍ତା କରନ୍ତୁନି। କାହିଁକି ନା, ଆଜିର ଦୁନିଆରେ ଏଇ ଦୁଇଟା କଥା ହିଁ ସତ : ଗୋଟିଏ ମାୟା ଆଉ ଅନ୍ୟଟି ବାୟା। ଏଠି ସବୁକିଛି ମାୟାରେ ବାୟା! ଅର୍ଥାତ୍ 'ସବୁ ମାୟାରେ ବାୟା'! ପୁଣି ଏକଥା ଜାଣିଲେ ଆପଣ ଆହୁରି ଆଶ୍ଚର୍ଯ୍ୟ ହେବେ ଯେ, ଓଡ଼ିଶାର ଯାତ୍ରାଦର୍ଶକମାନଙ୍କୁ ଚଳିତ ସିଜନ୍‌ରେ ମାୟାରେ ବାୟା କରୁଛନ୍ତି ପ୍ରଯୋଜକ ସତ୍ୟ ଜେନା ଏବଂ କିଂ ଷ୍ଟାର ସୁବାସ ବେହେରା। ବାସ୍ତବରେ, ଏମିତି ଏକ ଶୀର୍ଷକକୁ ନେଇ ଯାତ୍ରା ରଙ୍ଗମହଲ ପ୍ରସ୍ତୁତ କରିଛି ତା'ର ସଦ୍ୟତମ ନାଟକ 'ସବୁ ମାୟାରେ ବାୟା'; ଯାହା ଏବେ ଯାତ୍ରା ମଞ୍ଚଗୁଡ଼ିକରେ ଧୁମ୍ ମଚାଉଛି। ନାଟକଟିର ଏକ ବିଶେଷତ୍ୱ ହେଉଛି ଏହି ନାଟକର ପରିକଳ୍ପନା ତଥା କାହାଣୀ ରଚନା କରିଛନ୍ତି ନିଜେ ରଙ୍ଗମହଲର ପ୍ରଯୋଜକ ସତ୍ୟ ଜେନା। ଆଉ ଦ୍ୱିତୀୟ ବିଶେଷତ୍ୱ ହେଉଛି ସେ ଏହାର ନିର୍ଦ୍ଦେଶନା ଭାର ଦେଇଛନ୍ତି ଅନୁଷ୍ଠାନର ନାୟକ ସୁବାସ ବେହେରାଙ୍କୁ। ସାଧାରଣ ଭାବରେ ଦେଖିବାକୁ ଗଲେ ଏହା ଏକ ମାମୁଲି କଥା ନୁହେଁ; ଏହାପଛରେ ରହିଛି ବହୁତ ବଡ଼ ରିସ୍କ। ତେବେ ଏମିତି ରିସ୍କ କ'ଣ ପାଇଁ ନେଲେ ବୋଲି ଏକ ପ୍ରଶ୍ନର ଉତ୍ତରରେ ଜେନା କହନ୍ତି : ''ବାପ ନିଜର ପିଲାଙ୍କୁ ନେଇ ରିସ୍କ ନବନି ତ ଆଉ କିଏ ନବ! ମୁଁ ଯଦି ବାପ ହୁଏ ତା'ହେଲେ ରଙ୍ଗମହଲର ପ୍ରତ୍ୟେକ ସଦସ୍ୟ ମୋର ଜଣେ ଜଣେ ସନ୍ତାନ। ତା'ଛଡ଼ା ମୁଁ କେବଳ ଜଣେ ପ୍ରଯୋଜକ ନୁହେଁ। ଅତୀତରେ ମୁଁ ମଧ୍ୟ ଜଣେ ଅଭିନେତା ଥିଲି। ସେହି ଦୃଷ୍ଟିକୋଣରୁ ମୁଁ ଅଭିନେତା ସୁବାସ ବେହେରାଙ୍କୁ ବହୁଦିଗରୁ ନିରୀକ୍ଷଣ କରିଛି। ଆଉ ତାଙ୍କ ଦକ୍ଷତାକୁ ବିଶ୍ଳେଷଣ କରିଛି। ତାଙ୍କ ନିକଟରେ ତ ନିଶ୍ଚିତ ଭାବରେ ପ୍ରତିଭା ରହିଛି। ଏହାବ୍ୟତୀତ, ତାଙ୍କ ନିକଟରେ ଅଛି ଶୃଙ୍ଖଳା ଆଉ କଳା ପ୍ରତି ସମର୍ପଣ ଭାବ; ଯାହା ଜଣେ କଳାକାର ପାଇଁ ନିତାନ୍ତ ଦରକାର। ତେଣୁ ମୋର ତାଙ୍କ ଉପରେ ବିଶ୍ୱାସ ଥିଲା। ଆଉ ସେ ମଧ୍ୟ ମୋ ବିଶ୍ୱାସର ମାନ ରଖିଛନ୍ତି।'' ନାୟକରୁ ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଥିବା ସୁବାସ କହନ୍ତି : ''ପ୍ରଯୋଜକ ମୋ ଉପରେ ଭରସା କଲେ – ଏହା ମୋ ପାଇଁ ଏକ ବହୁତ ବଡ଼ ଘଟଣା। ମୁଁ ସାହସ କରି ଦାୟିତ୍ୱ ନେଇଥିଲି। ତେବେ ଜଣେ ନିର୍ଦ୍ଦେଶକ ଭାବରେ ନୁହେଁ; ଜଣେ କଳାକାର ଭାବରେ ମୁଁ ନାଟକଟିର ନିର୍ଦ୍ଦେଶନା କାର୍ଯ୍ୟ ସମ୍ପାଦନ କରିଛି। ଦୀର୍ଘ ବର୍ଷ ଧରି ଗୁରୁମାନଙ୍କଠାରୁ ଯାହା କିଛି ଶିଖିଥିଲି ତାକୁ ପ୍ରୟୋଗ କରିଛି। ଏଥିରେ ମୋତେ ମୋର ସହକଳାକାରମାନେ ଅକୁଣ୍ଠ ସହଯୋଗ କରିଛନ୍ତି। ସେମାନଙ୍କର ସହଯୋଗ ବିନା ନାଟକଟି ସମ୍ପୂର୍ଣ୍ଣ ହୋଇ ପାରି ନ ଥାନ୍ତା।'' ମୋଟାମୋଟି ଭାବରେ, 'ସବୁ ମାୟାରେ ବାୟା' ନାଟକଟି ସାମ୍ପ୍ରତିକ ସମାଜର ଏକ ନିଚ୍ଛକ ପ୍ରତିଛବି। ଏ ନାଟକ ଭିତରେ ଦର୍ଶକଟିଏ ନିଶ୍ଚିତ ଭାବରେ ନିଜର ଜୀବନକୁ, ନିଜ ଜୀବନର ଦୟନୀୟତାକୁ ଭେଟି ପାରିବ। ଆଉ ତା'ର ସମାଧାନ ମଧ୍ୟ ଖୋଜିନେଇ ପାରିବ ବୋଲି ଉଭୟ କାହାଣୀକାର ଏବଂ ନିର୍ଦ୍ଦେଶକଙ୍କ ମତ।



ସୁବାସ ବେହେରା



ସତ୍ୟ ଜେନା

# ସଖୀ ତୋ ପ୍ରେମରେ ପଡ଼ିଲା ପରେ...

ଶୀର୍ଷକଟିକୁ ପଢ଼ିବା ପରେ ନିଶ୍ଚୟ ପ୍ରଶ୍ନଟିଏ ମନକୁ ଆସିବ: ସତରେ, ପ୍ରେମରେ ପଡ଼ିଲା ପରେ କ'ଣ ହୁଏ? ଉତ୍ତର ତ ଅନେକ। ତେବେ ଏହାର ଗୋଟିଏ ସରଳ ଉତ୍ତର: ପ୍ରେମରେ ପଡ଼ିଲା ପରେ ଆଉ ପ୍ରେମରୁ ମୁକୁଳି ହୁଏନା। ଠିକ୍ ସେମିତି ଅବସ୍ଥା ବଳରାମଙ୍କର। ସେ ପ୍ରେମରେ ପଡ଼ିଛନ୍ତି। ଅବଶ୍ୟ କୌଣସି ସୁନ୍ଦରୀ ତରୁଣୀର ପ୍ରେମରେ ନୁହେଁ; ଯାତ୍ରା ପ୍ରେମରେ। ଯାତ୍ରା ଗୁରୁମାନଙ୍କ ପ୍ରେମରେ। ଯାତ୍ରା କଳାକାରଙ୍କ ପ୍ରେମରେ। ବଳରାମଙ୍କ ଯାତ୍ରାପ୍ରେମ ପଛର କାରଣ ଅନେକ। ସେଥିମଧ୍ୟରୁ ଗୋଟିଏ ହେଉଛି, କଳାକାରଙ୍କୁ ଭଲପାଇବା। କଳାର ପବିତ୍ରତାକୁ ସମ୍ମାନ ଜଣେଇବା। ସମସ୍ତେ ଯାତ୍ରା ଦେଖନ୍ତି। ମନୋରଞ୍ଜନ କରନ୍ତି। ସକାଳ ହେଲେ ଘରକୁ ଫେରିଯାଇ ସବୁକିଛି ଭୁଲିଯାଆନ୍ତି। ହେଲେ ବଳରାମ ସେମିତି କରନ୍ତିନି। ସେ ଗ୍ରୀନ୍‌ରୁମ୍ ଯାଇ କଳାକାରଙ୍କୁ ଭେଟନ୍ତି। ଆଉ ସେମାନଙ୍କୁ ବାହାବା ଜଣେଇ ସେମାନଙ୍କର ରାତିର କ୍ଲାନ୍ତିରେ ଭଲପାଇବା ଆଉ ପ୍ରଶଂସାର ମଲମ ବୋଳନ୍ତି। ସେତିକି ନୁହେଁ, ନିଜର କର୍ମ ବ୍ୟସ୍ତ ଜୀବନରୁ ସମୟ ବାହାର କରି ସେମାନଙ୍କ ବିଷୟରେ ଲେଖନ୍ତି। ଯଥାସାଧ୍ୟ ସେମାନଙ୍କର ପ୍ରଚାରପ୍ରସାର କରନ୍ତି। ନା ବଳରାମଙ୍କର ଯାତ୍ରାରେ ଅଭିନୟ କରିବାର ରୁଚି ଅଛି। ନା, ଯାତ୍ରାରୁ କିଛି ପାଇବାର ଇଚ୍ଛା ଅଛି। କେବଳ ଗୋଟିଏ ଇଚ୍ଛା– ଆମର ମନୋରଞ୍ଜନ କରୁଥିବା କଳାକାରଙ୍କୁ ଭଲପାଇବା। ଭଦ୍ରକ ଜିଲା ନରସିଂହପୁର ଗ୍ରାମର ବଳରାମଙ୍କ ଏହି ପ୍ରେମ ଆରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ସେ ଦେଖିଲେ ଗଣେଶ ରାଉତଙ୍କ ରଚିତ ତଥା କିଶୋର ଖଣ୍ଡୁଆଳଙ୍କ ନିର୍ଦ୍ଦେଶିତ ନାଟକ 'କଥା ରହିଗଲା କାଲକାଲକୁ'। ୟା ଭିତରେ ୧୫ବର୍ଷରୁ ଅଧିକ ସମୟ ଅତିବାହିତ ହୋଇଗଲାଣି। ବଳରାମ ଆଗକୁ ମାଡ଼ି ଚାଲିଛନ୍ତି ସିନା; ତାଙ୍କର ପ୍ରେମ ତାଙ୍କୁ ପଛକୁ ଫେରି ଚାହିଁବାକୁ ସୁଯୋଗ ଦେଇନି। ହଁ, ଏଥିପାଇଁ ଅନେକେ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ପାଗଳ ବୋଲି କହି ଥଟ୍ଟା କରିଛନ୍ତି। ଆଡ଼ବାୟା କହି ପରିହାସ କରିଛନ୍ତି। ଏସବୁ କିନ୍ତୁ ବଳରାମଙ୍କୁ ହତାଶ କରିନାହିଁ। ବରଂ ଉତ୍ସାହିତ କରିଛି। ସେ ହସିହସି ସେସବୁକୁ ଭୁଲି ଯାଇଛନ୍ତି। ଆଉ ନୀରବରେ ସମସ୍ତଙ୍କୁ କହିଛନ୍ତି : ପ୍ରେମରେ ପଡ଼ିଲେ ଏମିତି ହୁଏ। ଘଟଣାଟିଏ ଘଟିଥିଲା ଏମିତି: ଅଭିନେତା ଗୌର ଦାସ ୨୦୧୩ ମସିହାରେ ତାଙ୍କୁ ଶ୍ରଦ୍ଧାରେ ଏକ 'ଫାଇଭ୍‌ଷ୍ଟାର ଚକୋଲେଟ୍' ଗିଫ୍ଟ ଦେଇଥିଲେ। ଏହା ଭିତରେ ପାଞ୍ଚବର୍ଷରୁ ଅଧିକ ସମୟ ଅତିବାହିତ ହୋଇଗଲାଣି। ବଳରାମ କିନ୍ତୁ ଚକୋଲେଟ୍‌ଟିକୁ ନିଜ ପାଖରେ ସାଇତି ରଖିଛନ୍ତି; ଭଲପାଇବାର ଉପହାର ଭାବରେ। ଏହା ବଳରାମଙ୍କ କଳା ଓ କଳାକାରଙ୍କୁ ଭଲ ପାଇବାର ଗୋଟିଏ ମାତ୍ର ନମୁନା। ଏହି ଭଲପାଇବା ଆଗକୁ ଯେ ଆହୁରି ବଳିଷ୍ଠ ହେବ ତାହା ନିଃସନ୍ଦେହ।



ବଳରାମ ଦାସ









# କାଫେ, ଯେଉଁଠି ପାଦ ତଳେ ଖେଳନ୍ତି ମାଛ

ପୃଥିବୀରେ ଅନେକ ଅଜବ କାଫେ ଓ ରେଷ୍ଟୁରାଣ୍ଟ ରହିଛି। କେଉଁଠି ପଶୁପକ୍ଷୀଙ୍କ ଗହଣରେ ତ କେଉଁଠି ଅଜବ ପରିବେଶ ମଧ୍ୟରେ କଫି ଓ ଖାଦ୍ୟର ମଜା ଉଠାଯାଏ। ଭିଏତ୍‌ନାମର ହୋଚିମିନ୍ ସିଟିରେ ଥିବା 'ଏମିକ୍ସ କଫି' ହେଉଛି ଏମିତି ଏକ କାଫେ ଯେଉଁଠି କଫି ପିଇବା ସହ ପାଦ ତଳେ ଥିବା ପାଣିରେ ପହଁରୁଥିବା ଅନେକ ସୁନ୍ଦର ସୁନ୍ଦର ମାଛଙ୍କ ସଂସ୍ପର୍ଶରେ ଆସି ଏକ ନିଆରା ଅନୁଭୂତି ପାଇବେ। କାଫେର ଦୁଇଟି ମହଲାକୁ ବନ୍ୟାପ୍ଲାବିତ ଭଳି କରାଯାଇଛି। ଫଳରେ ସେହି କୋଠରିଗୁଡ଼ିକରେ ପାଣି ଜମି ରହିଛି। ଆଉ ତାରି ଭିତରେ ଛଡ଼ାଯାଇଛି ଛୋଟ ବଡ଼ ଅନେକ ସୁନ୍ଦର ସୁନ୍ଦର ମାଛ। କାଫେର ଚଟାଣ ଖରାପ ନ ହେବା ପାଇଁ ଏହା ଉପରେ ଦୁଇ ଲେୟରର ପ୍ଲାଷ୍ଟିକ ଟ୍ରାପ୍ ଲଗାଯାଇଛି। ତା'ସହ ଆସବାବପତ୍ରର ଗୋଡ଼ଗୁଡ଼ିକୁ କଟନ୍‌ରେ ବନ୍ଧାଯାଇଥାଏ, ଯେମିତିକି ତାହା ଟାର୍ପକୁ କ୍ଷତି ପହଞ୍ଚାଇବ ନାହିଁ କି ଖସିବ ନାହିଁ। ଉଭୟ ମହଲା ହେଉଛି ୨୦ ବର୍ଗମିଟର ବ୍ୟାପ୍ତ ଏବଂ ଏଥିରେ ଜଳସ୍ତର ୨୫ ସେ.ମି. ଗଭୀର। ମାଛଙ୍କ ସଂସ୍ପର୍ଶରେ ଆସିବା ପୂର୍ବରୁ ଗ୍ରାହକଙ୍କୁ ଜୋତା ବାହାର କରିବା ସହ ପାଦକୁ ଭଲଭାବେ ସଫାକରି ଉକ୍ତ କୋଠରିକୁ ଯିବାକୁ ହୁଏ। ଏହାପରେ ଯାଇ ବିଭିନ୍ନ ପ୍ରକାରର ସ୍ନାକ୍ସ ପରଷାଯାଏ। ଆଉ ପାଦ ତଳେ ମାଛମାନଙ୍କ ସନ୍ତରଣ ଏକ ଅଲଗା ଆନନ୍ଦ ପ୍ରଦାନକରେ। ତେବେ ଏଠାରେ ଗ୍ରାହକଙ୍କୁ ଅନୁରୋଧ କରାଯାଏ ଯେପରି ମାଛଙ୍କର କୌଣସି କ୍ଷତି ନ ପହଞ୍ଚେ। ଉକ୍ତ କାଫେ ହେଉଛି ୨୩ ବର୍ଷୀୟ ନ୍ୟୁୟେନ୍ ଡୁଓକ ହୋଆରଙ୍କ ମାନସ ସନ୍ତାନ। ତାଙ୍କୁ ତାଙ୍କ ଯୋଜନା ସଫଳ କରିବା ପାଇଁ ଅନେକ କଷ୍ଟ କରିବାକୁ ପଡ଼ିଥିଲା। କାଫେର ପ୍ରଥମ ଓ ଦ୍ୱିତୀୟ ମହଲାକୁ ଜଳମୟ କରିବା ପାଇଁ ତାଙ୍କୁ ୧୦,୦୦୦ ଲିଟର ପାଣି ଆବଶ୍ୟକ ହୋଇଥିଲା। ତେବେ ସେହି ପାଣିକୁ ସଫା ରଖିବା ଥିଲା ତାଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ। ସେ ଟ୍ରିପଲ ଫିଲ୍ଟରେଶନ ପଦ୍ଧତି ଆପଣେଇଛନ୍ତି ଏହାକୁ ସଫା ରଖିବା ପାଇଁ।

ବ୍ୟାକ୍ ପେଜ୍

# ଆଲୋକ ନିଃସୃତ ହେଉଥିବା ଚିତ୍ର

କଳାକାରଙ୍କ ସୃଜନଶୀଳତାରେ ଥାଏ ଯାଦୁ। ସେମାନେ ସାମାନ୍ୟ ଜିନିଷକୁ ବି ବ୍ୟବହାର କରି ତାକୁ ଚମତ୍କାର ରୂପ ଦେଇପାରନ୍ତି। ଠିକ୍ ଯେମିତି ବୁଲଗେରିଆର ଆଞ୍ଜେଲ ଜାନେଭ ନାମକ ଜଣେ କଳାକାର କେବଳ ପେନ୍‌ସିଲରେ କରନ୍ତି ଚିତ୍ର। ଆଉ ତାହା ଏତେ ଚମତ୍କାର ହୋଇଥାଏ ଯେ, ଦେଖଣାହାରୀ ଚକିତ ହୋଇଯାଆନ୍ତି। କାରଣ ତାଙ୍କ ପ୍ରତ୍ୟେକ ଚିତ୍ରରୁ ଆଲୋକ ନିଃସୃତ ହେବା ପରି ଲାଗେ। ସେହି ଆଲୋକ ଲାଲ, କମଳା, ହଳିଆ ରଙ୍ଗର ଦେଖାଗଲେ ବି ସେଥିରେ ରଙ୍ଗର ବ୍ୟବହାର ହୋଇନାହିଁ। ବରଂ ସେ ଆଲୋକ ସୃଷ୍ଟିକରିବାର ଏଭଳି ପଦ୍ଧତି ବ୍ୟବହାର କରିଛନ୍ତି, ଯଦ୍ଦ୍ୱାରା କେବଳ ପେନ୍‌ସିଲ ଦ୍ୱାରା ଏଭଳି ରଙ୍ଗିନ ଆଲୋକ ନିଃସୃତ ହେବା ପରି ଦୃଶ୍ୟମାନ ହୁଏ।

